# ତାଳଚେର ସହରରେ ଆଦର୍ଶ ପୋଖରୀ ସ୍ୱପ୍ନ

ତାଳଚେର,୩।୪(ସମିସ)



ସମଗ୍ର ତାଳଚେର ସହରରେ ରାଜାମହାରାଜାଙ୍କ ଅମଳରୁ ପ୍ରାୟ ୧୬ରୁ ୧୮ ଟି ସରକରୀ ପୋଖରୀ ରହିଛି । ମାତ୍ର ଏହି ପୋଖରୀ ମଧ୍ୟରୁ ଗୋଟିଏ ହେଲେ ପରିଷ୍କାର ନାହିଁ। ଫଳରେ ପୋଖରୀ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ ବୋଲି ଦୀର୍ଘ ଦିନରୁ ଅଭିଯୋଗ ହେଉଥିଲେ ମଧ୍ୟ ଆଜି ଯାଏଁ ଆଦର୍ଶ ପୋଖରୀ ଯୋଜନାରେ ପୁନରୁଦ୍ଧାର କିମ୍ବା ନୂଆ ପୋଖରୀଟିଏ ଖନନ ହୋଇପାରିଲା ନାହିଁ। ଏହି ପୋଖରୀ ପାଣିକୁ ୱାର୍ଡବାସୀ ବ୍ୟବହାର କଲେ ବିଭିନ୍ନ ଚର୍ମରୋଗକୁ ହାତଠାରି ଡାକିଲା ଭଳି ହେବ । ତାଳଚେର ସହର ମଧ୍ୟରେ ରହିଥିବା ପ୍ରଶସ୍ତ ସୌଭାଗ୍ୟ ସାଗର ପୋଖରୀକୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଏହାର ପୁନରୁଉଦ୍ଧାର କାର୍ଯ୍ୟ କରାଯାଇଥିଲେ ମଧ୍ୟ ପୋଖରୀ ପାଣି ଏବେ ଜହର ସାଜିଛି। ସେହିଭଳି ଫାଷ୍ଟଗେଟ୍ ନିକଟରେ ରହିଥିବା ଜରାଜୀର୍ଣ୍ଣ ଅବସ୍ଥାରେ ପ୍ରଶସ୍ତ ଚିତ୍ରକୂଟ ପୋଖରୀ ଅବସ୍ଥିତ । ଏହି ପୋଖରୀକୁ ଏକ ଆଦର୍ଶ ପୋଖରୀ କରିବା ପାଇଁ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ପୂର୍ବତନ ଢେଙ୍କାନାଳ ସାଂସଦ ତଥାଗତ ସତପଥି ଅଣ୍ଟା ଭିଡ଼ିଥିଲେ ଏବଂ ଏହାର ପୁନରୁଉଦ୍ଧାର କାର୍ଯ୍ୟ କରାଯାଇ ଏକ ଆଦର୍ଶ ପୋଖରୀ କରିବାପାଇଁ ଉଦ୍‌ଘାଟନ କରିଥିଲେ । ଏହାର ସମସ୍ତ ଖର୍ଚ୍ଚ ଏନ୍‌ଟିପିସି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ପୋଖରୀ ହୁଡ଼ାରେ ଫଳକ ମଧ୍ୟ ଲଗାଯାଇଥିଲା । ମାତ୍ର ଦୁର୍ଭାଗ୍ୟଜନକ ବିଷୟ ଯେ, ବର୍ତ୍ତମାନ ସୁଦ୍ଧା ଏହାର ଉନ୍ନୟନ କାର୍ଯ୍ୟ ହୋଇପାରିଲା ନାହିଁ। ତାଳଚେର ଅଞ୍ଚଳରୁ ରାଜ୍ୟ ଓ କେନ୍ଦ୍ର ଉଭୟ ସରକାର କୋଟିକୋଟି ଟଙ୍କା ରାଜସ୍ୱ ନେଇଥାଏ। ପୁନଶ୍ଚ ଅନୁଗୋଳ ଜିଲ୍ଲା ଖଣିଜ ପାଣ୍ଠିରେ କୋଟିକୋଟି ଟଙ୍କା ଗଚ୍ଛିତ ରହିଛି। ମାତ୍ର ଉନ୍ନୟନ କାର୍ଯ୍ୟ କରିବାରେ ଏତେ ଅବହେଳା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ତାଳଚେର ଥିବା ୫ଟି ପୋଖରୀକୁ ଯଦି ସରକାର ହାତକୁ ନେଇ ନୂତନ ଜ୍ଞାନ କୌଶଳରେ ଆଦର୍ଶ ପୋଖରୀ କରି ସୌନ୍ଦର୍ଯ୍ୟକରଣ କରିପାରନ୍ତେ, ତେବେ ସମସ୍ତ ୱାର୍ଡବାସୀ ଉପକୃତ ହୋଇପାରନ୍ତେ ବୋଲି ସହରବାସୀ କହିଛନ୍ତି।

## ଗିରଫଦାରୀ ପ୍ରତିବାଦରେ ଅବକାରୀ କାର୍ଯ୍ୟାଳୟ ଘେରିଲେ ମହିଳା



ପାଲଲହଡ଼ା,୩।୪(ସମିସ): ଶୁକ୍ରବାର ସକାଳେ ପାଲଲହଡ଼ା ଅବକାରୀ ବିଭାଗ ଟମ୍ପର ଗାଁରେ ଚଢ଼ଉ କରି ଚୋରା ମହୁଲି ମଦ ରଖିଥିବା ଅଭିଯୋଗରେ ଜଣେ ଆଦିବାସୀ ମହିଳାଙ୍କୁ ଗିରଫ କରି କାର୍ଯ୍ୟାଳୟକୁ ଆଣିଥିଲା। ତେବେ ଏହି ଗିରଫଦାରୀ ପ୍ରତିବାଦରେ ଅବକାରୀ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି ଆଦିବାସୀ ମହିଳା। ଗିରଫ ମହିଳା ଜଣଙ୍କ ହେଉଛନ୍ତି ଯଶୋଦା ମୁଣ୍ଡା। ଯଶୋଦା ଏବଂ ତାଙ୍କ ପରିବାର ଏହାର ଘୋର ପ୍ରତିବାଦ କରିଥିବାବେଳେ ଯଶୋଦା ଘରୁ କୌଣସି ବେଆଇନ ମହୁଲି ମଦ ମିଳିନଥିବା ଏବଂ ଅନ୍ୟ ଜାଗାରୁ ଜବତ ହେଇଥିବା ଚୋରା ମହୁଲି ମଦକୁ ଯଶୋଦାଙ୍କ ଘରୁ ଜବତ ହୋଇଛି ବୋଲି ଦେଖାଇ ଅବକାରୀ ବିଭାଗ ମିଛରେ ଯଶୋଦାଙ୍କୁ ଗିରଫ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଯାହାର ପ୍ରତିବାଦ କରି ପରିବାର ଏବଂ ଗ୍ରାମର ଅନ୍ୟ ମହିଳାମାନେ ସକାଳ ୭ଟାରୁ ଦୀର୍ଘ ସମୟ ଧରି ପାଲଲହଡ଼ା ଅବକାରୀ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଧାରଣା ଦେଇଥିଲେ। ତୁରନ୍ତ ଯଶୋଦାଙ୍କୁ ଛାଡ଼ ବୋଲି ସେମାନେ ଦାବି ରଖିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅବକାରୀ ବିଭାଗ ବାଧହୋଇ ଯଶୋଦାଙ୍କୁ ଛାଡ଼ି ଦେଇଥିଲେ। ଏ ସମ୍ପର୍କରେ ପାଲଲହଡ଼ା ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ସମୀର ମହାଳିକ କହିଛନ୍ତି ଯଶୋଦାଙ୍କ ଘରୁ ମଦ ମିଳିନଥିଲା। ସେ କିନ୍ତୁ ଘର ବାହାରେ ୧୦ ଲିଟର ମଦ ଧରିଥିବା ଅବସ୍ଥାରେ ଆମେ ଜବତ କରି ଗିରଫ କରିଛୁ।

## ସଙ୍କଟରେ ବନ୍ୟପ୍ରାଣୀ

ଅନୁଗୋଳ,୩।୪(ସମିସ): ବନ୍ୟଜୀବ ପରିବେଶର ଅଭିନ୍ନ ଅଂଶ। ମାତ୍ର ଆଜି ବନ୍ୟପ୍ରାଣୀ ଅସୁରକ୍ଷିତ। ସେଗୁଡ଼ିକର ସଂରକ୍ଷଣ ସମସ୍ତଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ। ଜୈବ ବିବିଧତା ଓ ପ୍ରାକୃତିକ ପରିବେଶର ସୁରକ୍ଷା ପାଇଁ ସରକାର ଅନେକ ସ୍ଲୋଗାନ ଦେଉଥିବାବେଳେ ସେଗୁଡ଼ିକର ସୁରକ୍ଷା ପାଇଁ ଅନେକ କଟକଣା ଲାଗୁ କରିଛନ୍ତି। ହେଲେ ଏହାକୁ ଅନେକ ମାନୁନଥିବାରୁ ଆଜି ବନ୍ୟ ଜୀବଙ୍କ ସୁରକ୍ଷା ବିପନ୍ନ। ଆମ ଜିଲ୍ଲାରେ ଅନୁଗୋଳ ଓ ଆଠମଲ୍ଲିକ ବନଖଣ୍ଡରେ ଘଞ୍ଚ ସଂରକ୍ଷିତ ଜଙ୍ଗଲ ରହିଛି। ବହୁ ବନ୍ୟଜୀବ ଏହି ସବୁ ଜଙ୍ଗଲରେ ରହି ଆସୁଛନ୍ତି। କିନ୍ତୁ ଶିକାରୀର ଲୋଲୁପ ଦୃଷ୍ଟି ବନ୍ୟ ଜୀବ ବଂଶ ବୃଦ୍ଧିରେ ବାଧକ ସାଜିଛି। ୨୦୨୪ ଗଣନା ଅନୁସାରେ ଜିଲ୍ଲାରେ ୨୫୪ ହାତୀ ଅଛନ୍ତି। ହାତୀ-ମଣିଷ ଲଢ଼େଇରେ ଅନେକ ହାତୀ ମୃତ୍ୟୁ ମୁଖରେ ପଡୁଛନ୍ତି। ପକ୍ଷୀ ଗଣନା ଅନୁସାରେ ଜିଲ୍ଲାରେ ପ୍ରାୟ ୬୦ ପ୍ରଜାତିର ପକ୍ଷୀ ରହିଛନ୍ତି। ପ୍ରତିବର୍ଷ ଦେଶ ବିଦେଶରୁ ଡେରଜାଙ୍ଗ ଜଳଭଣ୍ଡାର ଓ ସାତକୋଶିଆକୁ ଶହଶହ ପକ୍ଷୀ ଆସିଥାନ୍ତି। ଟିକରପଡ଼ା ମହାନଦୀରେ ଘଡ଼ିଆଳ ଓ ମଗର କୁମ୍ଭୀର ଛଡ଼ାଯାଉଛି। ଏମାନଙ୍କ ବଂଶ ବୃଦ୍ଧି ପାଇଁ ବହୁ ଉଦ୍ୟମ କରାଯାଉଛି। ଜିଲ୍ଲାରେ ମହାବଳ ନଥିଲେ ମଧ୍ୟ କଲରାପତରିଆ, ଚଉଶିଙ୍ଗା ହରିଣ, କୁଟୁରା, ସମ୍ବର୍, ବାର୍‌ହା, ଉଡ଼ନ୍ତା ଗୁଣ୍ଡୁଚି ଆଦି ଜୀବ ଦେଖିବାକୁ ମିଳନ୍ତି। ମୋଟ ଉପରେ ଅନୁଗୋଳ ଜିଲ୍ଲାର ବନ୍ୟପ୍ରାଣୀ ସମ୍ପଦର ସ୍ୱତନ୍ତ୍ରତା ରହିଛି। ଏହାର ଉପଯୁକ୍ତ ସଂରକ୍ଷଣ ହେବା ଉଚିତ ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରନ୍ତି।

## ନକଲି ନିଯୁକ୍ତିପତ୍ର ସମ୍ପର୍କରେ ସତର୍କ କରାଇଲା ଏନ୍‌ଟିପିସି

କଣିହାଁ,୩।୪(ସମିସ): ଏନ୍‌ଟିପିସି ତାଳଚେର କଣିହାଁ ପକ୍ଷରୁ ଜନସାଧାରଣଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସତର୍କ ସୂଚନା ଜାରି କରାଯାଇଛି। କିଛି ଅସାମାଜିକ ବ୍ୟକ୍ତି ଏନ୍‌ଟିପିସିର ବରିଷ୍ଠ ଅଧିକାରୀଙ୍କ ଜାଲ୍ ଦସ୍ତଖତରେ ନକଲି ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ଘଟଣା ପ୍ରଶାସନର ଦୃଷ୍ଟିଗୋଚର ହୋଇଛି। କମ୍ପାନୀ ପକ୍ଷରୁ ସ୍ୱଷ୍ଟ କରାଯାଇଛି ଯେ, ଏପରି କୌଣସି ଖାଲି ପଦବୀ ସମ୍ପର୍କରେ କୌଣସି ଘୋଷଣା କରାଯାଇନାହିଁ ଏବଂ ଚାଲିଥିବା ଏହି ସର୍କୁଲାର ସମ୍ପୂର୍ଣ୍ଣ ମିଥ୍ୟା, ଅବୈଧ ଓ ଅଧିକୃତ ନୁହେଁ। ଏନ୍‌ଟିପିସିର ନିଯୁକ୍ତି ପ୍ରକ୍ରିୟା ସଦା କେନ୍ଦ୍ରୀକୃତ ଓ ପାରଦର୍ଶୀ ଭାବେ କେବଳ ଅଧିକୃତ ୱେବସାଇଟ୍ ଏବଂ ପ୍ରମୁଖ ମାଧ୍ୟମ ମାଧ୍ୟମରେ ଘୋଷଣା କରାଯାଏ। ସେହିପରି, ସାଧାରଣ ଲୋକମାନଙ୍କୁ ଏପରି ମିଥ୍ୟା ସୂଚନା ଉପରେ ଭରସା ନ କରି ସତର୍କ ରହିବାକୁ ଅନୁରୋଧ କରାଯାଇଛି। ଏହି ଘଟଣାକୁ ଗୁରୁତ୍ୱ ଦେଇ ଏଥିରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମ୍ପାନୀ ଜଣାଇଛି। ଏହା ସହିତ, ଅନଧିକୃତ ବ୍ୟକ୍ତି ବା ଠକେଇମୂଳକ ନିଯୁକ୍ତି କାର୍ଯ୍ୟକଳାପ ସହ ସମ୍ପର୍କ ରଖି କୌଣସି ପ୍ରକାରର କ୍ଷତି ବା ହାନି ଘଟିଲେ, ତାହା ପାଇଁ ଏନ୍‌ଟିପିସି କଣିହାଁ ଦାୟୀ ରହିବ ନାହିଁ ବୋଲି କହିଛି।

## ସ୍କୁଟିକୁ ଧକ୍କାଦେଲା ବାଇକ୍; ୨ ଗୁରୁତର

ବଅଁରପାଳ,୩।୪(ସମିସ): ବଅଁରପାଳ ଥାନା ନିକଟ ନୂଆହତା ଗ୍ରାମ ପଞ୍ଚାୟତ ୫୫ ନମ୍ବର ଜାତୀୟ ରାଜପଥର ଶଙ୍କର ମେଡିକାଲ ସମ୍ମୁଖରେ ସ୍କୁଟି ଓ ବାଇକ୍ ଧକ୍କାରେ ଦୁଇ ଗୁରୁତର ହେବା ସହ ଜଣେ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ସ୍କୁଟି ଚାଳକ ଜଣଙ୍କ ହେଲେ ବୁଢ଼ାପଙ୍କ ଗ୍ରାମର ଚକ୍ରଧର ବେହେରାଙ୍କ ୨୧ ବର୍ଷୀୟ ପୁଅ କିଶନଜିତ ବେହେରା। ସେହିପରି ବାଇକ୍‌ରେ ଥିବା ଦୁଇ ଯୁବକ ହେଲେ କଣ୍ଟାବଣିଆ ଥାନା କୁଶୁପଙ୍ଗା ଗ୍ରାମ ପୁରୁଷୋତ୍ତମ ନାୟକଙ୍କ ୧୮ ବର୍ଷୀୟ ପୁଅ ସତ୍ୟନାରାୟଣ ନାୟକ ଓ ମଙ୍ଗଳପୁର ଗ୍ରାମର ପ୍ରକାଶ ନାୟକଙ୍କ ୨୦ ବର୍ଷୀୟ ପୁଅ ସୁବ୍ରଜିତ ନାୟକ। କିଷନ ଜଣେ ଡେଲିଭରୀ ବୟ। ସେ ଓଡି ୧୯ ଏବି ୯୭୭୫ ନମ୍ବର ବିଶିଷ୍ଟ ସ୍କୁଟିରେ କିଛି ସାମଗ୍ରୀ ନେଇ ଯାଉଥିଲେ। ଏହି ସମୟରେ ଅନ୍ୟ ଦୁଇ ଯୁବକ ଓଡି ୧୯ ଏବି ୭୨୧୭ ନମ୍ବର ବିଶିଷ୍ଟ ବାଇକ୍‌ରେ ଆସି ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ ତିନିଜଣଯାକ ଜାତୀୟ ରାଜପଥରେ ଛିଟିକି ପଡ଼ିଥିଲେ। ପୁଲିସ ପହଞ୍ଚି ଆହତଙ୍କୁ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ମଦ ଜବତ; ଜଣେ ଗିରଫ

କଣିହାଁ,୩।୪(ସମିସ): କଣିହାଁ ବ୍ଲକ୍ କଂସମୁଣ୍ଡା ଗ୍ରାମରେ କଣିହାଁ ପୁଲିସ ଓ ସ୍ପେସିଆଲ ସ୍କ୍ୱାର୍ଡ ମିଳିତ ଚଢ଼ଉ କରି ବହୁ ପରିମାଣର ବିଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ପୁଲିସ ସୂଚନାନୁସାରେ, କେସ ନଂ ୯୫/୨୬ ଅନୁସାରେ ଗହମ ପ୍ରଧାନ (୫୨)ଙ୍କ ଘରୁ ମୋଟ ୨୯୧ ବୋତଲ ବିଦେଶୀ ମଦ ଜବତ ହୋଇଛି। ମଦ ବେପାର ଘଟଣାରେ ସ୍ପେସିଆଲ ସ୍କ୍ୱାର୍ଡ ଓ କଣିହାଁ ପୁଲିସ ଅଭିଯୁକ୍ତ ଗହମ ପ୍ରଧାନଙ୍କୁ ଗିରଫ କରିଥିବାବେଳେ ପରେ ତାଙ୍କୁ ଆଜି ଅଦାଲତକୁ ଚାଲାଣ କରାଯାଇଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ନେଇ ଆଇଆଇସି ରମଣୀ ରଞ୍ଜନ ଦଳେଇ କହିଛନ୍ତି।

## କଳା ଦିବସ ପାଳିଲେ ଶ୍ରମିକ ସଂଗଠନ




ଅନୁଗୋଳ,୩।୪(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ଏପ୍ରିଲ୍ ୧ ତାରିଖ ଠାରୁ ସାରା ଦେଶରେ ଲାଗୁ କରାଯାଇଥିବା ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ବିରୋଧରେ ଆଜି ୧୦ଟି କେନ୍ଦୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚ ପକ୍ଷରୁ ଦେଶବ୍ୟାପୀ କଳାଦିବସ ପାଳନ କରାଯାଇଛି । କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଟୁ, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି, ଏଆଇସିସିଟିୟୁ ପକ୍ଷରୁ ଆଜି ସ୍ଥାନୀୟ ରାଜା ଛକଠାରେ କଳାଦିବସ ପାଳନ କରିବା ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚ ଜିଲ୍ଲା ଆବାହକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି ଦିଗାମ୍ବର ଗଡ଼ନାୟକ, ପ୍ରମୋଦ ଦେହୁରୀ, ସନାତନ ସାହୁ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ପ୍ରହଲ୍ଲାଦ ସାହୁ, ଭିକାରୀ ଚରଣ ପ୍ରଧାନ, ତୀର୍ଥବାସୀ ଭୋଇ, ଦୁଃଖୀଶ୍ୟାମ ମଲ୍ଲିକ, ପ୍ରଦୀପ ପ୍ରଧାନ, ଏଆଇସିସିଟିୟୁର ତପନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ଦେଶୀ ବିଦେଶୀ କର୍ପୋରେଟ୍ ସ୍ୱାର୍ଥରେ ଲାଗୁ କରାଯାଇଥିବା ଶ୍ରମ କୋଡ ଦ୍ୱାରା ଶ୍ରମିକଙ୍କ ସ୍ଥାୟୀ ନିଯୁକ୍ତି ଓ ନିରାପତ୍ତା ଧ୍ୱଂସ ପାଇବ, ଶ୍ରମିକ ଶୋଷଣ ବଢ଼ିବ, ଶ୍ରମିକ ମାନଙ୍କ ଶ୍ରମ ସମୟ ୮ ଘଣ୍ଟା ବଦଳରେ ୧୨ରୁ୧୬ଘଣ୍ଟା ହେବ।

ଏହା ଫଳରେ ଶ୍ରମିକ ମାନେ ଆଧୁନିକ କ୍ରୀତଦାସରେ ପରିଣତ ହେବେ ବୋଲି ସେମାନେ ଅଭିଯୋଗ କରିଥିଲେ।

## ତାରିଣୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ



କିଶୋରନଗର,୩।୪(ସମିସ): କିଶୋରନଗର ବ୍ଲକ୍ କଦଳୀମୁଣ୍ଡା ପଞ୍ଚାୟତ ବୁଢ଼ିଆବାହାଳ ଗାଁରେ ମା' ତାରିଣୀ ପୂଜାର ବାର୍ଷିକ ଉତ୍ସବ ଆୟୋଜିତ ହୋଇଛଇ। ଏହି ଅବସରରେ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ କୁନି କଳାକାରଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଉପେନ୍ଦ୍ର ପ୍ରଧାନ, ଶିକ୍ଷକ ଅଖିଳ ପ୍ରଧାନ, ବନପାଳ ସୁରେନ୍ଦ୍ର ପାତ୍ର, ସମାଜସେବୀ ସୁଜିତ ରାଉଳ, ରାମକୃଷ୍ଣ ଶିକ୍ଷା ଅନୁଷ୍ଠାନର ସମ୍ପାଦକ ଶେଷଦେବ ଶାସିନୀ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ମୀନକେତନ ପ୍ରଧାନ ସଂଯୋଜକ କରିଥିଲେ।

## ଅଂଶୁଘାତ ସଚେତନତା ପଦଯାତ୍ରା

କିଶୋରନଗର,୩।୪(ସମିସ): କିଶୋରନଗରସ୍ଥିତ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଅଂଶୁଘାତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ପଦଯାତ୍ରାରେ ମୋ କର୍ତ୍ତବ୍ୟ ଅଭିଯାନର ସଂଯାଜକ କମଳ ଲୋଚନ ମହାନ୍ତଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଅଂଶୁଘାତ ସଚେତନତା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ।

ଏହି ସଚେତନତା ପଦଯାତ୍ରାରେ ଶିକ୍ଷକ ପ୍ରଶିକ୍ଷିକା ଶିବାନୀ ବେହେରା, ଶିକ୍ଷକ ପ୍ରଶିକ୍ଷକ ସୁବ୍ରତ କୁମାର ପାଣିଗ୍ରାହୀ ଏବଂ ଗ୍ରନ୍ଥାଗାରକ ବିଭୂତି ଭୂଷଣ ମହାରଣା ପ୍ରମୁଖ ସହଯୋଗ କରିଥିଲେ। କିଶୋରନଗର ଥାନା ପୁଲିସ କର୍ତ୍ତୃପକ୍ଷଙ୍କ ସହାୟତାରେ ଏହି ପଦଯାତ୍ରା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ହୃଷିକେଶ ପଧାନ, ଶ୍ୱେତପଦ୍ମା ସାହୁ, ମୁକ୍ତିକାନ୍ତ ସାହୁ, ବେଦମତୀ ଲୋପାମୁଦ୍ରା ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## 'ଅସ୍ୱଷ୍ଟ ଉପଲବ୍ଧ ବିକଳ୍ପ ସେଟ୍ ଓ ଏହାର ପ୍ରୟୋଗ' ଶୀର୍ଷକ ଆଲୋଚନା



ଅନୁଗୋଳ,୩।୪(ସମିସ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ସ୍ନାତକୋତ୍ତର ଗଣିତ ବିଭାଗ ଆନୁକୂଲ୍ୟରେ ଆଜି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ଅସ୍ୱଷ୍ଟ ଉପଲବ୍ଧ ବିକଳ୍ପ ସେଟ୍ ଓ ଏହାର ପ୍ରୟୋଗ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ କଲେଜର ଅଧ୍ୟକ୍ଷ ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଡକ୍ଟର ସାହୁ ନିମନ୍ତ୍ରିତ ମୁଖ୍ୟ ବକ୍ତା କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରାୟୋଗିକ ବିଜ୍ଞାନ ସ୍ରୋତର ଗଣିତ ବିଭାଗ ସହକାରୀ ପ୍ରାଧ୍ୟାପକ ଡକ୍ଟର ଶୁଭାଶିଷ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିମନ୍ତ୍ରିତ ମୁଖ୍ୟବକ୍ତା ଓ ବିଭାଗର ସମସ୍ତ କର୍ମକର୍ତ୍ତା ଅଧ୍ୟକ୍ଷ ପ୍ରଫେସର (ଡକ୍ଟର)ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ନାତକୋତ୍ତର ଗଣିତ ବିଭାଗ ମୁଖ୍ୟା ଓ ସହକାରୀ ପ୍ରାଧ୍ୟାପିକା ଡକ୍ଟର ସ୍ମିତା ତପସ୍ୱିନୀ ଆଲୋଚନାଚକ୍ରରେ ସ୍ୱାଗତ ସମ୍ଭାଷଣ ରଖିବା ସହିତ ନିମନ୍ତ୍ରିତ ମୁଖ୍ୟ ବକ୍ତାଙ୍କର ପରିଚୟ ପ୍ରଦାନ ଓ ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ଗଣିତ ବିଭାଗ ପାଠଚକ୍ରର ସୂଚନାପତ୍ର ଉନ୍ମୋଚିତ ହୋଇଥିଲା। ନିମନ୍ତ୍ରିତ ମୁଖ୍ୟ ବକ୍ତା କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରାୟୋଗିକ ବିଜ୍ଞାନ ସ୍ରୋତର ଗଣିତ ବିଭାଗ ସହକାରୀ ପ୍ରାଧ୍ୟାପକ ଡକ୍ଟର ଶୁଭାଶିଷ ନାୟକ 'ଅସ୍ୱଷ୍ଟ ଉପଲବ୍ଧ ବିକଳ୍ପ ସେଟ୍ ଓ ଏହାର ପ୍ରୟୋଗ' ସମ୍ପର୍କିତ ଏକ ବିସ୍ତୃତ ଓ ଗବେଷଣାଲବ୍ଧ ତଥ୍ୟ ଉପସ୍ଥାପନ କରିଥିଲେ। ସହକାରୀ ପ୍ରାଧ୍ୟାପିକା ନିବେଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରାଧ୍ୟାପକ ସନ୍ଦୀପ ରାଉତ, ଡକ୍ଟର ପ୍ରଭାସ ଜେନା ଓ ଡକ୍ଟର ଦୁଷ୍ମନ୍ତ ମଲ୍ଲିକ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ଗଣିତ ବିଭାଗର ୧୨୦ ରୁ ଊର୍ଦ୍ଧ୍ୱ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ; ୩ ଶିଶୁ ଉଦ୍ଧାର

କିଶୋରନଗର,୩।୪(ସମିସ): ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ହଣ୍ଡପା ଠାରୁ ବଡ଼କେରା ପର୍ଯ୍ୟନ୍ତ ଶିଶୁ ଶ୍ରମିକ ନିରାକାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହୋଟେଲ, ଢାବା, ଗ୍ୟାରେଜ ଓ ଅନ୍ୟାନ୍ୟ ଦୋକାନଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଚାଲିଥିଲାବେଳେ ଗୁଣ୍ଡୁରୀମୁଣ୍ଡ ଗ୍ରାମରୁ ଜଣେ ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଥିଲା। ବୋଇଣ୍ଡା ଅଞ୍ଚଳରୁ ଏକ ଗ୍ୟାରେଜରୁ କାମ କରୁଥିବା ବେଳେ ୧୫ ବର୍ଷର ଶିଶୁ ଓ ବଡ଼କେରା ଅଞ୍ଚଳରୁ ଏକ ରଙ୍ଗ ଦୋକାନରେ କାମ କରୁଥିବା ୧୩ ବର୍ଷର ଶିଶୁକୁ ଟିମ୍ ଉଦ୍ଧାର କରିଥିଲା। ୧୪ ବର୍ଷରୁ କମ ଶିଶୁଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ୧୫ ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ କରିବା ମଧ୍ୟ ଅପରାଧ। ଏପରି କାର୍ଯ୍ୟ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ ଏବଂ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ବ୍ୟବସ୍ଥା ରହିଛି ବୋଲି ସଚେତନ କରାଯାଇଥିଲା। ୩ ଉଦ୍ଧାର ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପର ପ୍ରକଳ୍ପ ସଂଯୋଜିକା ପ୍ରକଳ୍ପ ସହାୟିକା ଓ ପୁଲିସ ପ୍ରଶାସନ ସହଯୋଗ କରିଥିଲେ।

**ମହିଳା ହାବିଲଦାରଙ୍କୁ ଦୁର୍ବ୍ୟବହାର ଘଟଣା**

## କଠୋର କାର୍ଯ୍ୟାନୁଷ୍ଠାନ ଦାବିକଲା କଂଗ୍ରେସ

ଅନୁଗୋଳ,୩।୪(ସମିସ): ଅନୁଗୋଳ ଜିଲ୍ଲା ପୁଲିସ ରିଜର୍ଭ ବାହିନୀରେ କାର୍ଯ୍ୟରତ ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳଙ୍କୁ ରିଜର୍ଭ ଇନ୍ସପେକ୍ଟରଙ୍କ ଦୁର୍ବ୍ୟବହାର ଅଭିଯୋଗର ସତ୍ୟତା ଅନୁସନ୍ଧାନ ସହ ପୀଡ଼ିତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଜିଲ୍ଲା ପୁଲିସ କାର୍ଯ୍ୟାଳୟଠାରେ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି ପ୍ରଦେଶ ମହିଳା



କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି। ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆଲୋଚନା କରିବା ପାଇଁ ଆସିଥିବାବେଳେ ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବ ଲୋଚନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ସାରା ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଓ ନିର୍ଯାତିତା ହେଉଥିବାବେଳେ କାର୍ଯ୍ୟକ୍ଷେତ୍ରରେ ମଧ୍ୟ ମହିଳାମାନେ ସୁରକ୍ଷିତ ଭାବେ କାର୍ଯ୍ୟ ସମ୍ପାଦନ କରି ପାରୁନଥିବା ଦେଖାଯାଉଛି। ମହିଳାମାନେ ଯାହାଠାରୁ ସୁରକ୍ଷା ଆଶାକରୁଥିଲେ, ଯଦି ତାଙ୍କ ଦ୍ୱାରା ମହିଳା ନିର୍ଯାତିତା ହୁଏ, ତେବେ ସମାଜ ଅରାଜକ ବୋଲି ବିବେଚନା କରାଯାଏ। ଏପରି କ୍ଷେତ୍ରରେ ଯେଉଁ ମହିଳା ନିଜକୁ ଅସୁରକ୍ଷିତ ମଣି ଶେଷରେ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଛି ଓ ଚାକିରି ଛାଡ଼ି ଦେବାପାଇଁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି, ତାହା କୌଣସି ପ୍ରକାର ସାଧାରଣ ଘଟଣା ବୋଲି କୁହା ନ ଯାଇ ପାରେ। ଯେହେତୁ ମହିଳା ଜଣେ ପୁଲିସ ଓ ଅଭିଯୋଗ ପୁଲିସ ବିରୁଦ୍ଧରେ ହୋଇଛି, ପୁଲିସ ଏହାର ତଦନ୍ତ ସଠିକ ଢଙ୍ଗରେ କରିବ, ଏ ଆଶା ଜନସାଧାରଣ ହରାଇଛନ୍ତି। ଏଣୁ ଏହାର ଏକ ତୃତୀୟପକ୍ଷ ଦତନ୍ତ କରି ପୀଡ଼ିତାଙ୍କୁ ଉଚିତ ନ୍ୟାୟ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଏପରିକି କଠୋରରୁ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଥିଲେ। ଆଗାମୀ ଦିନରେ ଏହି ଦାବିର ସୁଫଳ ନ ମିଳିଲେ ବାଧହୋଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବ ନାହିଁ ବୋଲି ଚେତାବନୀ ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ ମହିଳା ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ପ୍ରଦେଶ ମହିଳା ସମ୍ପାଦିକା ଜୟସ୍ମିତା ମହାନ୍ତି, ପ୍ରଦେଶ ପଛୁଆ କଂଗ୍ରେସ ସଭାପତି ବିଜୟାନନ୍ଦ ଚାଉଳିଆ, ରାଜ୍ୟ ଦଳିତ କଂଗ୍ରେସ ସାଧାରଣ ସମ୍ପାଦକ ତପନ ପ୍ରଧାନ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ, ପୂର୍ବତନ ସଭାପତି ଅମ୍ବିକା ପ୍ରସାଦ ଭଟ୍ଟ, ବରିଷ୍ଠ କଂଗ୍ରେସ ନେତା ଦିଗାମ୍ବର ଗଡ଼ନାୟକ, ଗୋପାଳ ଚନ୍ଦ୍ର ନାଥ, ରାଜକିଶୋର ସାହୁ, ଜିତେନ୍ଦ୍ର ସାହୁ, ଟିକନ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର ପ୍ରମୁଖ ସାମିଲ୍ ହୋଇଥିଲେ।

**ଅନୁଗୋଳ ପୌରପାଳିକା।**

## ୭ କୋଟି ୭୧ ଲକ୍ଷ ଟଙ୍କାର ରାଜସ୍ୱ ସଂଗ୍ରହ

ଅନୁଗୋଳ,୩।୪(ସମିସ)





ଅନୁଗୋଳ ପୌରପାଳିକା ୨୦୨୫-୨୬ ଆର୍ଥିକ ବର୍ଷରେ ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ମୋଟ ୭କୋଟି ୭୧ଲକ୍ଷ୨୮ ହଜାର ଟଙ୍କାର ରାଜସ୍ୱ ସଂଗ୍ରହ କରି ସଫଳତା ଅର୍ଜନ କରିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୮ କୋଟି ୫୫ ଲକ୍ଷ ୩୭ ହଜାର ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୯୦.୧୭ ପ୍ରତିଶତ ରାଜସ୍ୱ ଆଦାୟ କରାଯାଇଛି। ଏହି ରାଜସ୍ୱ ଆଦାୟ କରାଯିବା ପଛରେ ପୌରପାଳିକାର ନଗରପାଳ ଅକ୍ଷୟ କୁମାର ସାମନ୍ତ, ସମସ୍ତ ପରିଷଦ ଏବଂ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୌରପାଳିକାର ରିପୋର୍ଟ ମୁତାବକ, ହୋଲଡିଂ ଟିକସ ପାଇଁ ୩ କୋଟି ୧୩ ଲକ୍ଷ ୯୫ ହଜାର ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୨ କୋଟି ୪୭ ଲକ୍ଷ ୫୪ ହଜାର ଟଙ୍କା ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଦୋକାନ ଘର ଭଡ଼ା, ଟ୍ରେଡ୍ ଲାଇସେନ୍ସ, ହୋଲଡିଂ ରାଜସ୍ୱ, ପାର୍କିଂ ଫି, ୟୁଜର୍ସ ଫି, ଟାଉନ ହଲ୍, କଲ୍ୟାଣ ମଣ୍ଡପ, ସେସ୍‌ପୁଲ୍ ଏବଂ ବିଭିନ୍ନ ଫାଇନ ବାବଦକୁ ୫ କୋଟି ୪୧ ଲକ୍ଷ ୪୨ ହଜାର ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫ କୋଟି ୨୩ ଲକ୍ଷ ୭୪ ହଜାର ଟଙ୍କା ସଂଗୃହୀତ ହୋଇଛି।

ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଜିଲ୍ଲାପାଳ ଅବଦାଲ୍ ମହମ୍ମଦ ଅଖତରଙ୍କ ମାର୍ଗଦର୍ଶନରେ ପୌରପାଳିକାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ୟମ ଯୋଗୁଁ ରାଜସ୍ୱ ସଂଗ୍ରହରେ ଏହି ସଫଳତା ହାସଲ କରାଯାଇଥିବାରୁ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

● ଗ୍ୟାଙ୍ଗଷ୍ଟାର ଲିଟୁ ଦାସ ନିଖୋଜ

# ତିନି ମାସ ପରେ ବି ସନ୍ଧାନ ପାଉନି ପୁଲିସ

କେନ୍ଦ୍ରାପଡ଼ା,୩।୪(ସମିସ): ଦୁର୍ଦ୍ଦାନ୍ତ ଅପରାଧୀ ଲିଟୁ ଦାସର ନିଖୋଜ ଘଟଣାକୁ ତିନି ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୁଲିସ ତାଙ୍କ ସନ୍ଧାନ ପାଇପାରିନି। ଲିଟୁ ଦାସ ଏବେ କେଉଁଠି? ସେ ଜୀବିତ କି ମୃତ, ସେ ନେଇ ସାଧାରଣରେ ସନ୍ଦେହ ଜାତ ହୋଇଛି। ଗତବର୍ଷ ଡିସେମ୍ବର ୧୯ ତାରିଖ ସନ୍ଧ୍ୟାରେ ଲିଟୁ ଦାସ ଘରୁ ବଜାରକୁ ଯାଇଥିଲେ ଓ ଘରକୁ ଫେରି ନ ଥିଲେ। ଏ ନେଇ ତାଙ୍କ ମାଆ ଡିସେମ୍ବର ୨୫ ତାରିଖରେ ମାର୍ଶାଘାଇ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ଏତେ ଦିନ ବିତିଗଲା ପରେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପ୍ରମାଣଭିତ୍ତିକ ସୂଚନା ସାମ୍ନାକୁ ଆସିନାହିଁ। ଲିଟୁ ଦାସ ନାମରେ ହତ୍ୟା, ଦାଦାବଟି ଭଳି ୫୦ରୁ ଅଧିକ ଅପରାଧିକ ମାମଲା ରହିଥିବା କୁହାଯାଉଛି। ବାରମ୍ବାର ଜେଲ ଯିବା ଫଳରେ ତାଙ୍କ ଗ୍ୟାଙ୍ଗ ଦୁର୍ବଳ ହୋଇଯାଇଥିଲା। ଗ୍ୟାଙ୍ଗର କେତେକ ସଦସ୍ୟଙ୍କୁ ଅନ୍ୟ ଗୋଷ୍ଠୀ ନିଜ ଦଳରେ ସାମିଲ କରିଥିବା ଚର୍ଚ୍ଚା ଚାଲିଛି। ଏଭଳି ପରିସ୍ଥିତିରେ ଲିଟୁଙ୍କ ନିଖୋଜ ଘଟଣା ପଛରେ କୌଣସି ଷଡ଼ଯନ୍ତ୍ର ଥିବା ସନ୍ଦେହ ଜୋରଦାର ହେଉଛି। ଏହି ଘଟଣାରେ କିଏ ଜଡିତ ଓ କାହା ସ୍ୱାର୍ଥରେ ଏପରି ଅଘଟଣ ଘଟିଥିଲା, ସେଥିପାଇଁ ସ୍ପଷ୍ଟ ତଥ୍ୟ ଏପର୍ଯ୍ୟନ୍ତ ଅଜଣା ରହିଛି। ପୁଲିସ ତଦନ୍ତର ଧୀରଗତି ଉପରେ ମଧ୍ୟ ପ୍ରଶ୍ନ ଉଠୁଛି। ଏତେ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଶୀଘ୍ର ସତ୍ୟ ସାମ୍ନାକୁ ଆଣିବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାର୍ଶାଘାଇ,୩।୪(ସମିସ): ଆୟତପୁର ପଞ୍ଚାୟତ ଡିହବଳରାମପୁର ମୁକ୍ତେଶ୍ୱର ଜାତୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ମଳୟ କେତନ ଦାସଙ୍କୁ ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ପେନସନ ଉତ୍ସବ



ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଦୀପ୍ତି ନାୟକ, ଅନ୍ୟତମ ଅତିଥି ଏବିଇଓ ସ୍ୱାଗତିକା ସ୍ୱାଇଁ, ମୁଖ୍ୟବକ୍ତା ଜିଲ୍ଲା ଓଷ୍ଟା ସଂଘ ସମ୍ପାଦକ ଭଗବାନ ସାହୁ, ସ୍ୱତନ୍ତ୍ର ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ବିଜୟ କେତନ ସ୍ୱାଇଁ, ସମାଜସେବୀ ଆଶୁତୋଷ ପାତ୍ର, ଜିତେନ୍ଦ୍ର ପ୍ରଧାନ, ପ୍ରଧାନଶିକ୍ଷକ ଅଭୟ ରାଉତ, ବିଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପୀତବାସ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଦାସଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ସଦାଶିବ ସାହୁ, ରଞ୍ଜନ ସାମଲ, ଅମରେଶ ସାହୁ, ଜିତେନ୍ଦ୍ର ପ୍ରଧାନ, ମଧୁସୂଦନ ସାହାଣୀ, ପ୍ରମୋଦ ବେହେରା, ରାମଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜସେବୀ ନିମାଇଁ ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୩।୪(ସମିସ): କଷଣଅଣ୍ଟା ଗ୍ରାମର ସମାଜସେବୀ ତଥା କଷଣଅଣ୍ଟା ହାଇସ୍କୁଲର ପ୍ରାକ୍ତନ ମୁଖ୍ୟ କିରାଣି ନିମାଇଁ ଚରଣ ସ୍ୱାଇଁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନଳିନୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟ ଓ କବି ସଚିତ୍ର ବେହୁରାଙ୍କ



ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ - ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ, ପ୍ରାକ୍ତନ ପ୍ରଶାସକ ଡ଼ କେଲୁ ଚରଣ ସ୍ୱାଇଁ, ପ୍ରଫେସର ରମେଶ ଜେନା, ପ୍ରଫେସର ଦେବବ୍ରତ ପ୍ରଧାନ, ପ୍ରାଧ୍ୟାପକ ମନୋଜ ପରିଡା, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଶିକ୍ଷାବିତ କସ୍ତୁରୀ ସ୍ୱାଇଁ ଓ ସୁରେଶ ଜେନା, ଶ୍ରୀଧର ରାଉତ, ବିଜୟ ସାହୁ, ସମାଜସେବୀ ସୁଶାନ୍ତ ପଣ୍ଡା, ପୂର୍ବତନ କାଉନସିଲର ଶ୍ରୀକାନ୍ତ ରାଉତ, ସାମ୍ବାଦିକ ପତିତପାବନ ଭଦ୍ର, ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର, ପ୍ରଫୁଲ୍ଲ ସାହୁ, ଆଡଭୋକେଟ କ୍ଷୀରୋଦ ପ୍ରଧାନ, ଦେବରାଜ ନାୟକଙ୍କ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନିହାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ ସ୍ୱାଇଁ, ସୌମ୍ୟରଞ୍ଜନ ସ୍ୱାଇଁ, ସୌଭିକ ସ୍ୱାଇଁ ଓ ମୋହିତ ସ୍ୱାଇଁ ପରିଚାଳନା କରିଥିଲେ।

# ସାମ୍ବାଦିକ ସୁବାସ ବାରିକଙ୍କ ପରଲୋକ

ରାଜକନିକା,୩।୪(ସମିସ): ରାଜକନିକାର ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ବାରିକ (୫୯)ଙ୍କ ଆକସ୍ମିକ ବିୟୋଗ ଘଟିଛି। ଏ ନେଇ ସମଗ୍ର କନିକା ଅଞ୍ଚଳରେ ଶୋକାର ଛାୟା



ଖେଳିଯାଇଛି। ଗତକାଲି ରାତି ୩ଟା ୩୫ ମିନିଟରେ ହୃଦଘାତରେ ତାଙ୍କର ପରଲୋକ ଘଟିଥିଲା। ସେ ଦୀର୍ଘ ୧୨ ବର୍ଷ ଧରି ଗ୍ରାମାଞ୍ଚଳର ସମସ୍ୟାକୁ ନିର୍ଭୀକ ଭାବେ ସାମ୍ନାକୁ ଆଣି ଲୋକଙ୍କ ଭରସା ଜିତିଥିଲେ। ତାଙ୍କ ବିୟୋଗ ଖବର ସୋସିଆଲ ମିଡିଆରେ ଦ୍ରୁତ ଭାବେ ପ୍ରସାରିତ ହୋଇ ଶୋକର ଲହରି ସୃଷ୍ଟି କରିଥିଲା। ତାଙ୍କ ମରଶରୀରକୁ ଜନ୍ମସ୍ଥାନ ମୁରାଦପୁରକୁ ନିଆଯାଇଥିବାବେଳେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରିବାର, ସାମ୍ବାଦିକ ଓ ସାଧାରଣ ଲୋକଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗ ସହିତ କନିକା ଅଞ୍ଚଳ ଜଣେ ସତ୍ୟନିଷ୍ଠ ସ୍ୱରକୁ ହରାଇଲା ବୋଲି ମତ ପ୍ରକାଶ ପାଇଛି।

# ମା' ଧାନଖାଇ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ

ଗୋବିନ୍ଦପୁର,୩।୪(ସମିସ): ସିଂହପୁରସ୍ଥ ବେଉରିଆ ସାହି ତଥା ପାଖ ପଡ଼ୋଶୀଙ୍କ କୂଳଦେବୀ ମା' ଧାନଖାଇ ଠାକୁରାଣୀଙ୍କ ପୀଠରେ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ଗ୍ରାମର ମହିଳା ଶୋଭାଯାତ୍ରାରେ ଖରସ୍ରୋତା ନଦୀରୁ ୧୦୮ କଳସରେ ପାଣି ମା'ଙ୍କ ପୀଠରେ ସ୍ଥାପନ କରିଥିଲେ। ବୈଦିକ ପରମ୍ପରାରେ ମା'ଙ୍କ ଉପଚାର ପୂଜା ଓ ସପ୍ତଶତୀ ଚଣ୍ଡି ପାଠ କରାଯାଇଥିଲା। ଗୋଧୂଳି ଲଗ୍ନରେ କଳସ ଅଧିବାସ କରାଯାଇ ଅଷ୍ଟପ୍ରହରୀ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟ ପୂଜକ ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଓ ପୂଜା କମିଟି ସଦସ୍ୟ, ସ୍ଥାନୀୟ ଅଧିବାସୀ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

## ନିମ୍ନମାନର କାମ ଅଭିଯୋଗ

# ବର୍ଷେ ପୁରୁନି ଫାଟି ଆଁ କଲାଣି ପିଚୁ ରାସ୍ତା

ପଞ୍ଚୁପାଣ୍ଡବ,୩।୪(ସମିସ)

ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ରାସ୍ତା ଅବସ୍ଥା ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି। ସରକାର ଲୋକଙ୍କ ଯାତାୟାତ ସୁଗମ କରିବାକୁ ରାସ୍ତା ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କୁ ଧରି ଠିକାଦାର ମନମୁଖୀ କାର୍ଯ୍ୟ କରିବା ସହ ସରକାରଙ୍କ ଅର୍ଥ ହରିଲୁଟ କରୁଛନ୍ତି। ଫଳରେ ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ନୂଆ ପିଚୁ ରାସ୍ତା କାମ ହେଲେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଠିକାଦାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ବ୍ୟବସ୍ଥା ରହିଛି। ଏବେ ଯେଉଁଠି ପିଚୁ କାମ ହେଉଛି, ତାହା ରାତିରେ କରାଯାଉଛି। ପ୍ରଶାସନିକ



ଅଧିକାରୀ ଘଟଣାସ୍ଥଳରେ ରହୁନାହାନ୍ତି। ସକାଳକୁ ଦେଖିଲା ବେଳକୁ କେତେକ ଜାଗାରେ ଫାଟି ଥିବାବେଳେ ଦୁଇଦିନରେ ପିଚୁ ଉଠିଯାଉଥିବା ଅଭିଯୋଗ ହେଉଛି। ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରୁ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମକୁ ସଂଯୋଗ କରୁଥିବା ପିଚୁରାସ୍ତାରେ ଏମିତି ଦେଖିବାକୁ ମିଳୁଛି।

ଏହି ରାସ୍ତାଟି ବେଣୀପୁର ଓ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଯାତାୟାତ କରିବା ପାଇଁ ମଙ୍ଗଳପୁର,

**ମରାମତି ପାଇଁ ଭୁଲିଯାଉଛି ଠିକାଦାର, ପ୍ରଶାସନ ନିଦାବିଷ୍ଟ**

ଛୋଟି ପଞ୍ଚାୟତ, ଯାଜପୁର ଜିଲ୍ଲାର ବରୀ ବ୍ଲକକୁ ରାସ୍ତା ସଂଯୋଗ କରିବା ପାଇଁ ଏହି ପାଟରେ ଏକ ରାସ୍ତା ଖୋଲାଯାଇଥିଲା। ସ୍ଥାନୀୟ ପଞ୍ଚାୟତର ଦାମୋଦରଜୀଉ ବିଦ୍ୟାପୀଠ ବଜାରଠାରୁ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମରେ ଏହି ପାଟରେ ପ୍ରାୟ ଦୁଇବର୍ଷ ହେଲା ପିଚୁ ରାସ୍ତା ହୋଇଥିଲା। କିନ୍ତୁ ରାସ୍ତାଟି ବର୍ଷେ ପୂରିଲା ନାହିଁ ରାସ୍ତା ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ନିମ୍ନମାନର କାମ ହେଉଥିବାବେଳେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ଠିକାଦାର ହେଉ କି ପ୍ରଶାସନିକ ଅଧିକାରୀ ମନମୁଖି କାମ କରି ସରକାରଙ୍କ ଟଙ୍କାକୁ ହରିଲୁଟ କରିଥିଲେ। ଏବେ ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିଥିବାରୁ ଲୋକେ ଏହି ବାଟରେ ନ ଯାଇ ଅନ୍ୟ ବାଟେ ଯିବାକୁ ପଡୁଛି ବୋଲି ସ୍ଥାନୀୟ ଗ୍ରାମର ସମାଜସେବୀ ଅନାଦି ଚରଣ ବେହୁରା କହିଛନ୍ତି। ଡେରାବିଶ ବ୍ଲକରେ ଯେତେ ପିଚୁକାମ ହେଉଛି ପ୍ରାୟ ସବୁ ଜାଗାରେ ନିମ୍ନମାନର କାମ ହୋଇଥିବାରୁ ପିଚୁ ଫାଟି ଆଁ କଲାଣି। ଏବେ ଯେଉଁଠି ପିଚୁ ରାସ୍ତା କାମ ହେଉଛି ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି କାମ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

● ଟ୍ରାକ୍ଟର ଯୋଗେ ମାଟି ବୋହି ଜମି ନଷ୍ଟ କରୁଛନ୍ତି ମାଫିଆ

# ବାରଣ କରିବାରୁ ଚାଷୀଙ୍କୁ ଆକ୍ରମଣ, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୩।୪(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମାଟି ମାଫିଆଙ୍କ ଉତ୍ପାତ ଦିନକୁ ଦିନ ବଢି ଚାଲିଛି। କେତେବେଳେ ସରକାରୀ ଜମି ତ କେତେବେଳେ ବେସରକାରୀ ଜମିରୁ ବିନା ଅନୁମତିରେ ଜବରଦସ୍ତ ମାଟି ଉଠାଇ ମାଲାମାଲ ହେଉଛନ୍ତି। ଏଥିସହ ଚାଷୀଙ୍କ ଅନୁମତି ବିନା ଟ୍ରାକ୍ଟର ଯୋଗେ ଶହ ଶହ ଟ୍ରିପ ମାଟି ପରିବହନ ହେଉଥିବାରୁ ଜମି ନଷ୍ଟ ହେଉଛି। ବୁଧବାର ଦିନ ଶ୍ରୀରାମପୁର ଗ୍ରାମର ଉତ୍ତମ ଖୁଣ୍ଟିଆ ୧୦ଟି ଟ୍ରାକ୍ଟର ଯୋଗେ ସେହି ଗ୍ରାମର ବାସୁଦେବ ଗୋସାଇଁଙ୍କ ଜମି ମଧ୍ୟ ଦେଇ ମାଟି ପରିବହନ କରୁଥିଲେ। ଉକ୍ତ ଜମିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଶ୍ରୀରାମପୁର ଗ୍ରାମର ମନ୍ମଥ ମାନଧାତା ଟ୍ରାକ୍ଟର ନେବାକୁ ବାରଣ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମନ୍ମଥଙ୍କ ଝିଅ ମଧ୍ୟ ସେଠାରେ ପହଞ୍ଚି ଟ୍ରାକ୍ଟର ଜମି ମଧ୍ୟ ଦେଇ ନେବାକୁ ବିରୋଧ କରିଥିଲେ। କିନ୍ତୁ ଉତ୍ତମ ଓ ତାଙ୍କ ସାଥି ଉଭୟ ବାପଝିଅଙ୍କୁ ଆକ୍ରମଣ କରି ୧୦ ହଜାର ଟଙ୍କା, ଗୋଟିଏ ସୁନା ଚେନ ଲୁଟି ନେଇଥିବା ମନ୍ମଥ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଅନନ୍ତ ଆଶ୍ରମରେ ବାବା ବଳିଆଙ୍କ ପ୍ରବଚନ

ରାଜନଗର,୩।୪(ସମିସ): ରାଜନଗର ବ୍ଲକ ସାନବଡ଼ ଗୋପାଳପୁରସ୍ଥ ଅନନ୍ତ ସେବା ଆଶ୍ରମରେ ଆଧ୍ୟାତ୍ମିକ ଗୁରୁ ପଦ୍ମଶ୍ରୀ ବାବା ବଳିଆ ଦୀକ୍ଷାନ୍ତ ପ୍ରବଚନ ଦେଇଛନ୍ତି। ମଧ୍ୟ ପ୍ରାଚ୍ୟ ଯୁଦ୍ଧ ବିଭୀଷିକାର କରୁଣ ପରିଣତି ବିଷୟରେ ସାରା ବିଶ୍ୱବାସୀଙ୍କୁ ସୂଚାଇ ଦେଇଛନ୍ତି ଯେ ହିଂସା, ବିଭୀଷିକା, ଜିଦ, ଅହଂକାର ପାଇଁ କେତେ ନିରୀହ ଜୀବନ ଆହୁତି ଦେବାକୁ ପଡୁଛି ତାର ଉତ୍ତର କାହା ପାଖରେ ଅଛି। ଏଥିପାଇଁ ଶାନ୍ତି ଲୋଡ଼ା। ମାନବବାଦକୁ ସମ୍ମାନ ଜଣାଇ ଯୁଦ୍ଧର ପରିସମାପ୍ତି ହେବା ଜରୁରୀ। ଆଜିର ଯୁବକ/ଯୁବତୀ ନିଶା ଦ୍ରବ୍ୟଠାରୁ ଦୂରେଇ ରହି ଏକ ସୁସ୍ଥ ସମାଜ ଗଢି ତୋଳିବାକୁ



ପ୍ରତିଟି ଯୁବକ ସଂକଳ୍ପ ନେବାର ସମୟ ଆସିଛି ବୋଲି ବାବା ବଳିଆ ଆଶାବାଦୀ ଅଛନ୍ତି ବୋଲି ପ୍ରବଚନ ମାଧ୍ୟମରେ କହିଥିଲେ। ବିଶ୍ୱ ତାପନ ଜଳବାୟୁର ଅହେତୁକ ପରିବର୍ତ୍ତନ ଯୋଗୁ ମଣିଷ ଏତେ ଅଣନିଶ୍ୱାସୀ ହେଲାଣି ଯେ ଜୀବନ ବଞ୍ଚାଇବା ଦୁର୍ବିସହ ହୋଇପଡ଼ିଲାଣି। ସଭିଏଁ ଗଛଟିଏ ଲଗାଇ ଆମ ପର ପିଢ଼ି ପାଇଁ ସବୁଜ ସବୁଜିମାରେ ଧରିତ୍ରୀ ମା'ର କୋଳକୁ ପୂର୍ଣ୍ଣ କରିବା ଆମର ମାନବିକତାକୁ ଜାଗ୍ରତ କରିବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱ ପ୍ରସିଦ୍ଧ ପ୍ରକୃତିର ଉପାସନା ଭିତରକନିକାର ବିଭବ, ଏହାର ଜୀବଜନ୍ତୁ ବୃକ୍ଷଲତା ଆମର ଜାତୀୟ ସମ୍ପତ୍ତି। ଏହାର ସୁରକ୍ଷା ଜରୁରୀ ବୋଲି ବାବା ବଳିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନଗର, ପଟ୍ଟାମୁଣ୍ଡାଇ ଅଞ୍ଚଳର ବଳିଆପ୍ରେମୀ ଯୋଗ ଦେଇଥିଲେ।

# ଆଦର୍ଶ ଥାନା ପକ୍ଷରୁ ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ




ପଟ୍ଟାମୁଣ୍ଡାଇ,୩।୪(ସମିସ): ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଆଇନଗତ ଅଧିକାର ପ୍ରଦାନ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ କରିଛନ୍ତି। ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବରିଷ୍ଠ ନାଗରିକଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ସହିତ ୬୮ ଜଣ ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ କରିଥିଲେ। ଉତ୍ସବରେ ପ୍ରଫେସର ଭରତ ପାତ୍ର, ପ୍ରଫେସର ରମେଶ ଜେନା, କସ୍ତୁରୀ ଚରଣ ସ୍ୱାଇଁ, ଇଂ ତପନ ପାତ୍ର, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଜୟ ସାହୁ, ଇଂ ଗୁଣଧର ସାମଲ, ବିଜୟ ରାଉତ, ପ୍ରଦୀପ ରଥ, ପାବନୀ ରାଉତ, ସୁଧାଂଶୁ ଦାସ, ରଞ୍ଜିତ ପାତ୍ର, ପ୍ରମୋଦ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀରାମଙ୍କ ଦାଣ୍ଡ ଶୋଭାଯାତ୍ରା

ଡେରାବିଶ, ୩।୪(ସମିସ): ଶ୍ରୀରାମଙ୍କ ଜନ୍ମ ଉତ୍ସବଠାରୁ ଡେରାବିଶ ବ୍ଲକ୍ ଅଞ୍ଚଳର ବିଭିନ୍ନ ରାମମନ୍ଦିର ପ୍ରାଙ୍ଗଣରେ ନବଦିନ ବ୍ୟାପୀ ଶ୍ରୀରାମ ଗାଥା ଅନୁଷ୍ଠିତ ହୋଇଆସୁଛି। ଏ ଅବସରରେ ଗତକାଲି ଚୈତ୍ରପୂର୍ଣ୍ଣିମା ତିଥିରେ ଶ୍ରୀରାମ ନବମୀର ଅଂଶବିଶେଷ ସ୍ୱରୂପ ପ୍ରଭୁଙ୍କ ଦାଣ୍ଡ ଶୋଭାଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତକାଲି ରାତିରେ ମୁକୁନ୍ଦପୁର ପଞ୍ଚାୟତ



ଅନ୍ତର୍ଗତ ମୁକୁନ୍ଦପୁର ଶ୍ରୀରାମଙ୍କ ମନ୍ଦିର ପ୍ରାଙ୍ଗଣରୁ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତାଙ୍କ ସମେତ ହନୁମାନଙ୍କୁ ଏକ ସୁସଜ୍ଜିତ ରଥରେ ବିରାଜମାନ କରି ସଂକୀର୍ତ୍ତନ, ବାଜା ବାଣ ଓ ରୋଷଣୀ ମଧ୍ୟରେ ଚାନ୍ଦୋଳସ୍ଥ ମା' ବୁଢ଼ୀ ଜାଗୁଳାଇଙ୍କ ମନ୍ଦିରକୁ ନିଆଯାଇଥିଲା। ସେହିପରି ମନ୍ଦିରରେ ପୂଜା ପାଉଥିବା ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତାସୀତାଙ୍କ ଚଳନ୍ତି ବିଗ୍ରହଙ୍କୁ ଏକ ବିମାନରେ ଶ୍ରଦ୍ଧାଳୁ କାନ୍ଧେଇ ସଂକୀର୍ତ୍ତନ ଶୋଭାଯାତ୍ରାରେ ମା'ଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ମା' ଜାଗୁଳେଇ ବିମାନରୂଢ଼ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା ପୂର୍ବକ ଭୋଗଲାଗି କରାଯାଇଥିଲା। ଏ ଅବସରରେ ରାମଗାଥା ଅଭିନୟ କରୁଥିବା କଳାକାରଙ୍କ ଦ୍ୱାରା ରାମାୟଣରୁ ନାଗଫାଶ ବନ୍ଧନ ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ଅନୁରୂପ ଭାବେ ନରସିଂହପୁର ଗ୍ରାମର ଶ୍ରୀରାମ ମନ୍ଦିରରୁ ଭାବକୁଣ୍ଡଳେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ, କେଶରପୁର ଶ୍ରୀରାମଙ୍କ ମନ୍ଦିରରୁ ବାହାରି ଖରିଦାସହି ଗ୍ରାମର ଦୁର୍ଗାମନ୍ଦିର ଯାଏ, ଯଅଁରାବାରିମୂଳର ଅର୍ତାମୂଳକସ୍ଥ ଶ୍ରୀରାମ ମନ୍ଦିରରୁ ବାହାରି ହରିଅଙ୍କ ହନୁମାନ ମନ୍ଦିର ଦେଇ ଖାନନଗର ଗ୍ରାମର ମା' ବୁଢ଼ୀ ଜାଗୁଳେଇଙ୍କ ମନ୍ଦିର, କୁଣିଆପାଳ ପଞ୍ଚାୟତର ପ୍ରଭୁ ଲଛମନଜୀଉଙ୍କ ମନ୍ଦିରରେ ମଧ୍ୟ ଦାଣ୍ଡ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଶିକ୍ଷକ ସନାତନ ବେହୁରାଙ୍କୁ ଶ୍ରଦ୍ଧାଞ୍ଜଳି



ପଟ୍ଟାମୁଣ୍ଡାଇ,୩।୪(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଓ ପରିଚାଳନା କମିଟି ପକ୍ଷରୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହୁରା ଓ ପୁରାତନ ଛାତ୍ର କଷଣଅଣ୍ଟା ହାଇସ୍କୁଲର ପ୍ରାକ୍ତନ ମୁଖ୍ୟ କିରାଣି ନିମାଇଁ ଚରଣ ସ୍ୱାଇଁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଛାତ୍ର ସଂସଦ ଉପସଭାପତି ବିଜୟ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. କେଲୁ ଚରଣ ସ୍ୱାଇଁ, ପୁରାତନ ଛାତ୍ର ସଂସଦ ସମ୍ପାଦକ କସ୍ତୁରୀ ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଆଡଭୋକେଟ ଗୋପୀନାଥ ତ୍ରିପାଠୀ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରମେଶ ଜେନା, ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, କବି ବ୍ରଜସୁନ୍ଦର ସାହୁ, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ନିହାର ବେହୁରା, ଆଡଭୋକେଟ ପ୍ରମୋଦ ସାହୁ, ଚିତ୍ରଶିଳ୍ପୀ ରାଜେନ୍ଦ୍ର ଦାଶ, ନଟବର ସେଠୀ, ରମେଶ ଦେ, ଇଂ ତପନ ପାତ୍ର, ସାମ୍ବାଦିକ ପତିପାବନ ଭଦ୍ର, ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, କୁମାରେଶ ନାୟକ, ସରୋଜ ସ୍ୱାଇଁ, ଅନୀତା ଧଳ ପ୍ରମୁଖ ଯୋଗଦେଇ ଦିବଂଗତ ଆଦର୍ଶ ଶିକ୍ଷକ ସନାତନ ବେହୁରା ଓ ପୁରାତନ ଛାତ୍ର ନିମାଇଁ ଚରଣ ସ୍ୱାଇଁଙ୍କ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂଗଠନ ସମ୍ପାଦକ ରମେଶ ଦେ ଧନ୍ୟବାଦ ଦେଇଥିଲେ।

# ପଶୁ ଓ ପକ୍ଷୀଙ୍କ ପାଇଁ ଜଳଛତ୍ର

ଡେରାବିଶ, ୩।୪(ସମିସ): କୁଣିଆପାଳ ଓ ଗୁଆଳସିଂ ପଞ୍ଚାୟତ ମଧ୍ୟରେ ଅବସ୍ଥିତ ପ୍ରକୃତିମିତ୍ର ପ୍ରତିଷ୍ଠାନ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ'ର ପ୍ରତିଷ୍ଠାତା ତଥା ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ପ୍ରୟାସରେ ଅବହେଳିତ ଓ ବୁଲା ପଶୁପକ୍ଷୀଙ୍କ ପାଇଁ ଗ୍ରୀଷ୍ମଋତୁରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ଆରମ୍ଭ ହୋଇଥିବାବେଳେ ପୋଖରୀ



ଭଳି ବିଭିନ୍ନ ଜଳ ଉତ୍ସ ଧିରେ ଧିରେ ଶୁଖିବାରେ ଲାଗିଛି। ବୁଲା ପଶୁପକ୍ଷୀ ଏବେ ତୃଷ୍ଣା ନିବାରଣ କରିବା ପାଇଁ ଘୋର ସମସ୍ୟାର ସମ୍ମୁଖୀନ ହେବେ। ସେମାନଙ୍କ ତୃଷ୍ଣା ନିବାରଣ ପାଇଁ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ସଭାପତି କ୍ୟାପଟେନ୍ ଅଭୟ ଲେଙ୍କା, ଦିଲ୍ଲୀପ ବେହେରା, ଡଲି ମଲିକ ଓ ଭାଗବତ ଜେନାଙ୍କ ସମେତ ଅନୁଷ୍ଠାନର ଛାତ୍ରଛାତ୍ରୀ ପଞ୍ଚାୟତର ବିଭିନ୍ନ ସ୍ଥାନରେ ସିମେଣ୍ଟ କୁଣ୍ଡ ରଖି ଏଥିରେ ଜଳ ଭର୍ତ୍ତି କରୁଛନ୍ତି।

# ଶ୍ରମିକ ବିରୋଧୀ ଶ୍ରମକୋଡ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

କେନ୍ଦ୍ରାପଡ଼ା,୩।୪(ସମିସ): ଦେଶର ନୂଆ ଶ୍ରମ କୋଡ୍‌ର କାର୍ଯ୍ୟକାରିତାକୁ ଦୃଢ ପ୍ରତିବାଦ କରୁଛନ୍ତି କେନ୍ଦ୍ରୀୟ ଶ୍ରମିକ ସଂଗଠନ। ଏହି କଳା ଆଇନକୁ ବିରୋଧ କରି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଶ୍ରମିକ ସଂଗଠନ ପକ୍ଷରୁ କଳାବ୍ୟାଚ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ପ୍ରତିବାଦ କରାଯାଇଛି। ଏହି ବିକ୍ଷୋଭରେ ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, କିଷାନ କଂଗ୍ରେସ ପ୍ରଭୃତି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଶ୍ରମିକ ସଂଗଠନର ନେତା ଶ୍ରମ କୋଡକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଯଦି ସରକାର ପ୍ରତ୍ୟାହାର ନ କରନ୍ତି, ତେବେ ଆଗାମୀ ଦିନରେ ସାରା ଦେଶରେ ବିକ୍ଷୋଭ ଓ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ। ଶେଷରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଫକୀର ଖଟୁଆ, ମୁକ୍ତାର ଖାଁ, ମହେନ୍ଦ୍ର ପରିଡା, ବସନ୍ତ ସେଠୀ, ବାବାଜୀ ଧଳ, ଜଗତଜୀବନ ଦାଶ, ଡ. ଚୈତନ୍ୟ ପରିଡା, ସଞ୍ଜୀବ ରାଉତ, ଏଲିନା ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ।

## ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ସ୍ୱଗଣନା ଆରମ୍ଭ

# ନାଗରିକଙ୍କୁ ସକ୍ରିୟ ଅଂଶଗ୍ରହଣ ପାଇଁ ଆହ୍ୱାନ

କେନ୍ଦ୍ରାପଡ଼ା,୩।୪(ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହରେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ସ୍ୱଗଣନା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଡେପୁଟି ଜିଲ୍ଲା ଜନଗଣନା ଅଧିକାରୀ ସରୋଜ ବେହେରା, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ସାହୁ ଓ ଅନ୍ୟ ଅଧିକାରୀ, ମାଷ୍ଟର ଟ୍ରେନର ଯୋଗ ଦେଇଥିଲେ। ଜିଲ୍ଲାପାଳ କହିଥିଲେ, ଭାରତର ସବୁଠୁ ବଡ଼ ପ୍ରଶାସନିକ ଅଭିଯାନ ହେଉଥିବା ଜନଗଣନା ୨୦୨୭



ଏବେ ଡିଜିଟାଲଭିତ୍ତିକ ଭାବେ ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକାକରଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କାର୍ଯ୍ୟ ସଂପନ୍ନ ହେବ। ଚଳିତ ମାସ ୧ରୁ ସ୍ୱଗଣନା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟସୀମା ମଧ୍ୟରେ ନାଗରିକମାନେ ସରକାରୀ ପୋର୍ଟାଲ ଏସ୍‌ଇ.ସେନସସ.ଜିଓଭି.ଇନ୍ ମାଧ୍ୟମରେ ନିଜ ଘରୋଇ ସୂଚନା ସ୍ୱୟଂ ପଞ୍ଜିକୃତ କରିପାରିବେ। ସଫଳ ପଞ୍ଜୀକରଣ ପରେ ଏକ ସ୍ୱଗଣନା ପରିଚୟ ସଂଖ୍ୟା ମିଳିବ। ଯାହା ଗଣନାକାରୀଙ୍କୁ ଦେଖାଇଲେ ପୁନର୍ବାର ସୂଚନା ଦେବା ଆବଶ୍ୟକ ପଡିବ ନାହିଁ। ସମସ୍ତ ତଥ୍ୟ ଗୋପନୀୟ ରହିବ ବୋଲି ଜଣାଯାଇଛି। ଏପ୍ରିଲ ୧୬ରୁ ମଇ ୧୨ ପର୍ଯ୍ୟନ୍ତ ଗଣନାକାରୀ ଘରେ ଘରେ ଯାଇ ଗୃହ ତାଲିକାକରଣ କାମ କରିବେ। ନାଗରିକଙ୍କ ସହଯୋଗ ଭବିଷ୍ୟତର ଯୋଜନା ଓ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ସଠିକ ତଥ୍ୟ ଯୋଗାଇବାରେ ମୂଲ୍ୟବାନ ହେବ ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ।

ସ୍ୱଗଣନା ଆରମ୍ଭ ଦିନରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଜିଲ୍ଲା କାର୍ଯ୍ୟାଳୟର ସହାୟତା କେନ୍ଦ୍ରରେ ନିଜ ସ୍ୱଗଣନା ପଞ୍ଜିକୃତ କରିଥିଲେ। ଜିଲ୍ଲାପାଳ ନିଜେ ମଧ୍ୟ ସ୍ୱଗଣନା କରି ସମସ୍ତ ଅଧିକାରୀଙ୍କୁ ଏଥିରେ ସହଭାଗୀ ହେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଚାନ୍ଦିଆବଟରେ ତାରେଣୀ ମେଳା



ଡେରାବିଶ, ୩।୪(ସମିସ): ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଛକନାସ୍ଥ ଚାନ୍ଦିଆବଟଠାରେ ଦଶମ ବାର୍ଷିକ ତାରେଣୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ମା'ଙ୍କ ମହାସ୍ନାନ, ଷୋଡ଼ଶ ଉପଚାର ପୂଜା ସହିତ ଏକଦିବସୀୟ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୂଜକ ପ୍ରଭାତ ତ୍ରିପାଠୀଙ୍କ ସହିତ ପଣ୍ଡିତ ବ୍ରଜକିଶୋର ମିଶ୍ର ଓ ଅଧିର ତ୍ରିପାଠୀ ପୂଜା ଓ ଯଜ୍ଞ କାର୍ଯ୍ୟ କରିଥିଲେ। ଅକ୍ଷୟ ମହାନ୍ତି ଓ ଚଞ୍ଚଳା ମହାନ୍ତି କର୍ତ୍ତା ଥିଲେ। ବୈକୁଣ୍ଠ ବେହେରା, ଗୋଲଖ ମହାନ୍ତି, ଶିଶିର ରାଉତରାୟ, କେଦାର ମହାନ୍ତି ଓ ଗ୍ରାମର ଯୁବକ ପରିଚାଳନାରେ ସହଯୋଗ କରିଥିଲେ।

## ସାରଳାଙ୍କ ପୀଠରେ ଚୈତ୍ର ପର୍ବ ଓ ଘୋଡ଼ା ମେଳଣ

# 'କୈବର୍ତ୍ତ ସମାଜର ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ଗଠନ ଅସମ୍ଭବ'

ତିର୍ତ୍ତୋଲ,୩।୪(ସମିସ)



କୈବର୍ତ୍ତ ଜାତି ସାହସୀ। ସମୁଦ୍ର ଓ ନଦୀର ବୁକୁ ଚିରି ସେମାନେ ନୌଚାଳନାରେ ବେଶ ସିଦ୍ଧ ହସ୍ତ। କୈବର୍ତ୍ତ ସମାଜର ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ଗଠନ ଅସମ୍ଭବ। ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଜାବୁଡ଼ି ଧରି ଲୋକ କଳାକୁ ବଞ୍ଚାଇ ରଖିଥିବା କୈବର୍ତ୍ତ ସମାଜ ଓଡ଼ିଆ ଅସ୍ମିତାର ଏକ ଅନନ୍ୟ ପ୍ରତିଛବି ବୋଲି ଆଜି ଝଙ୍କଡ଼ ବାସିନୀ ମା' ସାରଳାଙ୍କ ପୀଠରେ ଅନୁଷ୍ଠିତ ଚୈତ୍ର ପର୍ବ ଏବଂ ଘୋଡ଼ା ମେଳଣରେ ଯୋଗଦେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହା ପ୍ରକାଶ କରିଛନ୍ତି। ସାରଳା ମଣ୍ଡଳ କୈବର୍ତ୍ତ ମହାସଂଘ ଜଗତସିଂହପୁର ଦ୍ୱାରା ଅୟୋଜିତ ଏହି ଉତ୍ସବରେ ଜିଲ୍ଲାର ୧୬ ମଣ୍ଡଳରୁ ପ୍ରାୟ ୨୫ ଘୋଡ଼ା ଏହି ମେଳଣରେ ଯୋଗ ଦେଇଥିଲେ। ପାରମ୍ପରିକ ରୀତିନୀତି ମତେ ମା' ବାସେଳୀଙ୍କୁ ସାରଳାଙ୍କ ପୀଠରେ ମାର୍ଜନା ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ମଣ୍ଡଳର ସଭାପତି ପ୍ରହ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଅୟୋଜିତ ଚୈତ୍ର ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମବେତ ଘୋଡ଼ାମାନେ ମନ୍ଦିର ପରିକ୍ରମା କରିବା ସହିତ ଘୋଡ଼ା ନାଚରେ ଅଂଶଗ୍ରହଣ କରିଥିବା ବେଳେ କୈବର୍ତ୍ତ ସମାଜ ନିଜର କେତେକ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପୂର୍ବତନ ସଭାପତି କୈଳାଶ ଚନ୍ଦ୍ର ବେହେରା, ସଂଗଠନ ସମ୍ପାଦକ ଅମର କୁମାର ଦାସ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ଉପଦେଷ୍ଟା ମିହିର ଚନ୍ଦ୍ର ବେହେରା, ରାମଚନ୍ଦ୍ର ବେହେରା, ନିଖିଳ ଓଡିଶା କୈବର୍ତ୍ତ ମହାସଂଘର କାର୍ଯ୍ୟକାରୀ ସଭାପତି ମନୋଜ ବେହେରା, ଉପସଭାପତି ପ୍ରସନ୍ନ ବେହେରା, ଯୁବ ସଂଗଠକ ଦିଲ୍ଲୀପ ବେହେରା ଓ କେନ୍ଦ୍ରାପଡା କୈବର୍ତ୍ତ ସମାଜର ଅନେକ ଲୋକ ଏହି ଉଛବରେ ଯୋଗଦେଇ କୈବର୍ତ୍ତ ସମାଜର ଉନ୍ନତି ନିମନ୍ତେ ସମସ୍ତେ ସଂଗଠିତ ହୋଇ ରହିବାକୁ ଆହ୍ୱାନ ଦେଇଥିଲେ।

## ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି



ଜଗତସିଂହପୁର,୩।୪(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଗତ ୨୫ ତାରିଖରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଗାଦିବ୍ରହ୍ମ ଓମେନ୍ସ କଲେଜର ଛାତ୍ରୀ ତୃପ୍ତିମୟୀ ସାହୁଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଛି। ଏବିଭିପି ଜିଲ୍ଲା ସଂଯୋଜକ ସତ୍ୟ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜଗତସିଂହପୁର ଜିଲ୍ଲାପାଳ, ଏସ୍‌ପି ଏବଂ ଡିଏସପିଙ୍କୁ ଏ ସମ୍ପର୍କୀତ ଦାବିପତ୍ର ପ୍ରଦାନ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ବ୍ୟକ୍ତି ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ, ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଜିଲ୍ଲାରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

## ପାରାଦୀପ ବାର୍ ଆସୋସିଏସନର ସ୍ମୃତିସଭା




ପାରାଦୀପ,୩।୪(ସମିସ): ପାରାଦୀପ ବାର ଆସୋସିଏସନର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁଙ୍କର ୭୦ ବର୍ଷ ବୟସରେ ଗତକାଲି ଦେହାନ୍ତ ଘଟିଛି। ଏହି ଅବସରରେ ଆଜି ପାରାଦୀପ ପୌରପରିଷଦ ସଭା ଗୃହରେ ଏକ ଶ୍ରଦ୍ଧାଞ୍ଜଳି ଓ ଶୋକ ସଭାର ଆୟୋଜନ କରାଯାଇଥିଲା। ପାରାଦୀପ ବାର୍ ଆସୋସିଏସନର ସଭାପତି ତଥା ଉଚ୍ଚ ନ୍ୟାୟାଳୟର ଏଜିଏ ତପନ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଶୋକ ସଭାରେ ପାରାଦୀପ ବାର୍ ଆସୋସିଏସନର ଉପସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପସଭାପତି କୈଳାସ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ଦୁର୍ଯ୍ୟୋଧନ ରଣା, ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ପାରାଦୀପ ବାର ଆସୋସିଏସନର ସମସ୍ତ ସଦସ୍ୟ, ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଶେଷରେ ଆସୋସିଏସନର ସଦସ୍ୟ ଅବିନାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ 'ଆହ୍ୱାନ' ପୁରସ୍କୃତ



ପାରାଦୀପ,୩।୪(ସମିସ): ଦୁଇଦିନିଆ ରାଜ୍ୟସ୍ତରୀୟ ଯୁବ ଜଳବାୟୁ ସମ୍ମିଳନୀରେ ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ ପରିବେଶଭିତ୍ତିକ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଯାହାର ରଚନା ଓ ପରିକଳ୍ପନା ପାରାଦୀପ ଅଞ୍ଚଳର ପରିବେଶବିତ ଇଂ,ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା କରାଯାଇଥିଲା। ଆୟୋଜିତ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆମ ଆର୍ଥିକତା, ସାମାଜିକ ଜୀବନ, ସଂସ୍କୃତି ଓ ମାନସିକତା ଉପରେ କିପରି ପଡୁଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟର ବିଭିନ୍ନ କ୍ଷେତ୍ରର ପ୍ରସିଦ୍ଧ ବ୍ୟକ୍ତିତ୍ୱମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଚଳଚ୍ଚିତ୍ରରେ ଅଦିନିଆ ଝଡ଼ରେ ମତ୍ସ୍ୟଜୀବୀମାନଙ୍କ ଦୁର୍ଦ୍ଦଶା, ଦୂଷିତ ବର୍ଜ୍ୟଜଳର ସମୁଦ୍ର ଉପରେ ପ୍ରଭାବ ଓ ତାହାର ପରିଣାମରେ ଜୀବିକାର ପରିବର୍ତ୍ତନ ଭଳି ସମସ୍ୟାମାନଙ୍କୁ ଉତ୍ତୋଳନ କରାଯାଇଥିଲା। ଏହି ଚଳଚ୍ଚିତ୍ରର ଭିଡିଓ ଓ ଅଡିଓ କାର୍ଯ୍ୟ ସତ୍ୟ ନାରାୟଣ ସ୍ୱାଇଁ କରିଥିଲେ। ଟିମ ସଦସ୍ୟ ଭାବେ ସାଗର କୁମାର ବିଶ୍ୱାଳ, ରୁଦ୍ରମାଧବ ପଣ୍ଡା ଓ ବିଶ୍ୱଜିତ ସ୍ୱାଇଁ ଯୋଗଦାନ କରିଥିଲେ। ଉକ୍ତ ପରିବେଶ ଭିତ୍ତିକ ଚଳଚ୍ଚିତ୍ର ପାଇଁ ଆହ୍ୱାନ ପରିବାରକୁ ପୁରସ୍କୃତ କରାଯାଇଥିଲା। ଯାହା ଜଗତସିଂହପୁର ଜିଲ୍ଲା ଓ ପାରାଦୀପ ଅଞ୍ଚଳ ପାଇଁ ଗର୍ବର ବିଷୟ। ଇଂ. ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ସେ ନାଟକ ଅଭିନୟ, ସଚେତନତାମୂଳକ କ୍ଷୁଦ୍ର ନାଟକ ରଚନା ଓ ନିର୍ଦ୍ଦେଶନା ସହିତ କବିତା ରଚନା ଓ ଆବୃତ୍ତି କରିବାର ସୁଯୋଗ ପାଇଛନ୍ତି।

## ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ



ଜଗତସିଂହପୁର,୩।୪(ସମିସ): ପବିତ୍ର ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଜଗତସିଂହପୁର ପକ୍ଷରୁ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ "ଛବିରେ ବର୍ଣ୍ଣିତ ମୋ ଓଡ଼ିଶା'- ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦିବସର ମୁଖ୍ୟଅତିଥି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଉଦଘାଟନ କରିଥିଲେ। ତାଙ୍କ ସହିତ ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଏହି ଫଟୋଚିତ୍ର ଗୁଡିକରେ ଓଡ଼ିଶାର ଇତିହାସ ସହ ଓଡ଼ିଶାର ବରପୁତ୍ରମାନଙ୍କ କୀର୍ତ୍ତିରାଜି ଓ ଉପାଧି ମାନ ବର୍ଣ୍ଣିତ ରହିଛି। ଏହି ଷ୍ଟଲରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ପ୍ରଦର୍ଶନୀ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ଚିତ୍ରାଙ୍କନ ଓ ମଡେଲ ପ୍ରଦର୍ଶନ କରାଯାଇଥିଲା। ବିଭାଗ ପକ୍ଷରୁ ଏହି ସୁନ୍ଦର ପ୍ରୟାସ ଅତ୍ୟନ୍ତ ଶିକ୍ଷଣୀୟ ଏବଂ ଉତ୍ସାହ ଜନକ ହୋଇପାରିଛି। ଦର୍ଶକମାନେ ବହୁ ସଂଖ୍ୟାରେ ଏହାକୁ ବୁଲିବାକୁ ଆସୁଛନ୍ତି ଓ ପ୍ରଶଂସା ମଧ୍ୟ କରୁଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ପରିଦର୍ଶନ କରି ଏଭଳି ପ୍ରୟାସକୁ ସାଧୁବାଦ ଜଣାଇଛନ୍ତି।

## ସିଦ୍ଧ ହରିହର ରଘୁନାଥ ମନ୍ଦିରର ବାର୍ଷିକୋତ୍ସବ



ରଘୁନାଥପୁର,୩।୪(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧୀନସ୍ଥ ବରାଗୋଳ ପଞ୍ଚାୟତର ସାଧୁବନ ପଡିଆ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ହରିହର ରଘୁନାଥମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଓ ପଞ୍ଚଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ରାମନବମୀ ଠାରୁ ଅଙ୍କୁରରୋପଣ କରାଯାଇ ଦଶମୀ ଦିନ କଳସଯାତ୍ରା କରାଯାଇଥିଲା। କଟକ ଜିଲ୍ଲା ଶିଳ ମହାନଦୀ ପାଣ୍ଡବ ଘାଟରୁ ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ଆସି ଯଜ୍ଞମଣ୍ଡପରେ ପହଞ୍ଚି ଥିଲେ। କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପଞ୍ଚଦିନାତ୍ମକ ଏହି ବିଶ୍ୱଶାନ୍ତି ଯଜ୍ଞରେ ପ୍ରତିଦିନ ସୂର୍ଯ୍ୟ ପୂଜା, ଗୋପୂଜା, ବିଗ୍ରହମାନଙ୍କୁ ଆହୂତି ପ୍ରଦାନ ସହିତ ଭଜନସନ୍ଧ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି ସମାପନ ହୋଇଥିଲା। ପୂଜକ ଭାବେ ପଣ୍ଡିତ ପ୍ରସନ୍ନ କୁମାର ନନ୍ଦ, ଅଜୟ କୁମାର ଦାଶ, ସମ୍ବିତ ମିଶ୍ର, ଦେବାଶିଷ ପଣ୍ଡା, ରଶ୍ମୀରଂଜନ ରଥ, ଶକ୍ତିପ୍ରସାଦ ମିଶ୍ର କାର୍ଯ୍ୟନିର୍ବାହ କରିଥିବା ବେଳେ ଏହି ଯଜ୍ଞ ବରାଗୋଳ, ଜଗନ୍ନାଥ ପୁର ଓ ଶିବପୁର ପଞ୍ଚାୟତର ଶ୍ରଦ୍ଧାଳୁଙ୍କ ଅବଦାନରେ ଦୀର୍ଘ ୧୧ବର୍ଷ ଧରି ଅନୁଷ୍ଠିତ ହେଇଆସୁଛି।

## ପାରାଦୀପ କ୍ରିକେଟ୍ ଲିଗ୍ ସପ୍ତମ ଦିବସ

# ମହାକାଳ ୱାରିଅର୍ସ ଓ ଶ୍ରୀରାମ ସ୍ପୋର୍ଟିଂ ବିଜୟୀ




ପାରାଦୀପ,୩।୪(ସମିସ): ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିନରେ ଏନ୍‌ଏସି ଫିଲ୍ଡଠାରେ ୨ଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍‌ଟି ପାରାଦୀପ ସୁପର୍ କିଙ୍ଗସ୍ ଓ ମହାକାଳ ୱାରିଅର୍ସ ମଧ୍ୟରେ ଖେଳାଯାଇଥିଲା। ମହାକାଳ ପ୍ରଥମ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ବିନିମୟରେ ମୋଟ୍ ୧୫୦ ରନ୍ ସଂଗ୍ରହ କରିଥିଲା। ଦିତୀୟ ଇନିଂସ୍‌ରେ ପାରାଦୀପ ସୁପର୍ କିଙ୍ଗସ୍ ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୦୦ ରନ୍ କରି ପ୍ରଥମ ପରାଜୟର ସ୍ୱାଦ ଚାଖିଛି। ମହାକାଳ ୱାରିଅର୍ସର ହର୍ସିଲ ହଡକେ ୪୩ ବଲରେ ୬୩ ରନ୍ ଓ ୩ ଓଭରରେ ୨୫ ରନ୍ ଦେଇ ୨ଟି ୱିକେଟ୍ ବାଜିମାତ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଚୟନ କରାଯାଇଛି। ଦିତୀୟ ମ୍ୟାଚ୍‌ଟି ଶ୍ରୀରାମ ସ୍ପୋର୍ଟିଂ ଓ ଜିଡିସି ବ୍ଲାଷ୍ଟର ମଧ୍ୟରେ ଖେଳାଯାଇଥିଲା। ଶ୍ରୀରାମ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୯ ୱିକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରିଥଲା। ଦିତୀୟ ଇନିଂସ୍‌ରେ ଜିଡିସି ବ୍ଲାଷ୍ଟର ନିର୍ଦ୍ଧାରିତ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୯ ରନ୍ କରି ପରାଜୟ ହୋଇଥିଲା। ଅମିତ୍ କୁମାର ସାହୁ ୪୧ ବଲରେ ୭୩ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଦୁଇଟି ମ୍ୟାଚ୍‌ରେ ଦେବେନ୍ଦ୍ର ନାୟକ, ନିରଞ୍ଜନ ଦାସ, ରବୀନ୍ଦ୍ର ରାଉତ ଓ ସଞ୍ଜୟ ପ୍ରଧାନ ପରିଚାଳନା କରିଥିଲେ। ଆଜି ଅତିଥିଭାବେ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଭାରଦ୍ୱାଜ ସାହୁ ଓ ଜିଲ୍ଲାରେ କ୍ରିକେଟର ବନ୍ଦର ପକ୍ଷରୁ ଟେକ୍ନିକାଲ ଅସୋସିଏଟସ ଶିଶିର ପତି ଉପସ୍ଥିତ ରହି ପ୍ରତିଯୋଗି ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।

## ମା' ନାରାୟଣୀ ପୀଠରେ ଲଉଡ଼ି ମହୋତ୍ସବ



ଜଗତସିଂହପୁର,୩।୪(ସମିସ): ଲଉଡ଼ ଖେଳ ଗୋପାଳ କୁଳର ଏକ ପାରମ୍ପାରିକ ମହାନ ପରମ୍ପରା। ମହାପୁରୁଷ ଅଚ୍ୟୁତାନନ୍ଦ ରାଧାକୃଷ୍ଣଙ୍କ ଦର୍ଶନ ଓ ଭାବପ୍ରୀତିକୁ ଲଉଡ଼ି ବା ଗୋପାଳ ଓଗାଳ ମାଧ୍ୟମରେ ରଚନା କରିଛନ୍ତି। ଲଉଡ଼ି ଖେଳରେ ବହୁ ଆଧ୍ୟାତ୍ମିକ, ସାମାଜିକ ଓ ସାଂସ୍କୃତିକ ଭାବନା ସ୍ୱତଃପ୍ରୋତଃ ଭାବରେ ଜଡ଼ିତ ରହିଛି ବୋଲି ବହୁ ମହାମନୀଶ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷିରେ ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ରାୟରଘୁନାଥପୁର ଉକୁନ୍ଦରା ସ୍ଥିତ ମା' ନାରାୟଣୀ ପୀଠରେ ଲଉଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି ଯୋଗଦେଇ ଏହି ଲଉଡ଼ି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ବିଜେପି ପୁରଣ ମଣ୍ଡଳ ସଭାପତି ଶୁଭ୍ରଜିତ ସାହୁ, ରାୟରଘୁନାଥପୁର ଯୁବକ ସଂଘ ସମ୍ପାଦକ ଆଇନୀଜୀବୀ ରଶ୍ମିକାନ୍ତ ବେହେରା, ସରପଞ୍ଚ ତରୁଣ କୁମାର ଦାସ ପ୍ରମୁଖ ଯୋଗଦେଇ ଲଉଡ଼ି ଖେଳ ଦଳମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବିଜେତା ଦଳକୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହି ଲଉଡ଼ି ମହୋତ୍ସବ ପରମ୍ପରା ଦୀର୍ଘ ୨୦ ବର୍ଷ ଧରି ଚାଲି ଆସୁଥିବାବେଳେ ସମସ୍ତ କାର୍ଯ୍ୟକ୍ରମକୁ ରାୟରଘୁନାଥପୁର ଯୁବକ ସଂଘର ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

## ତାରିଣୀଙ୍କ ପୀଠରେ ଦୁର୍ଗା ସପ୍ତଶତୀ ମହାଯଜ୍ଞ



ଜଗତସିଂହପୁର,୩।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କେନ୍ଦାଳ ସ୍ଥିତ ମା' ତାରିଣୀଙ୍କ ପବିତ୍ର ପୀଠରେ ୨୭ତମ ଦୁର୍ଗା ସପ୍ତଶତୀ ମହାଯଜ୍ଞ ଓ ଅହୋରାତ୍ର ଅଖଣ୍ଡ ନାମ ସଂକୀର୍ତ୍ତନ ଭାବଭକ୍ତିର ସହିତ ପାଳିତ ହୋଇଯାଇଛି। ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଚୈତ୍ର ଶେଷ ମଙ୍ଗଳବାର ଉଦଯାପିତ ହୋଇଥିଲା। ଏହି ଅବସରରେ ଯଜ୍ଞ ଅଙ୍କୁରାରୋପଣ, ଅଗ୍ନି ସ୍ଥାପନ, ଷୋଡ଼ଶ ଉପଚାର ପୂଜା ପ୍ରତ୍ୟେକ ଦିନ କରାଯିବା ସହିତ ଶ୍ରୀମଦ୍ ଭଗବତ ଗୀତା ଆହୁତି ଓ ଦୁର୍ଗା ସପ୍ତଶତୀ ଆହୁତି ପ୍ରଦାନ କରାଯାଇଥିଲା। ସେହିପରି ଯଜ୍ଞ ପୂର୍ଣ୍ଣାହୁତି କରାଯିବା ପରେ ଆହୋରାତ୍ର ଅଖଣ୍ଡ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସାବରେ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କର ସମାଗମ ହୋଇଥିଲା। ଭଗବତ ଗୀତାର ପ୍ରଚାର ପ୍ରସାର ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗୀତା ପୁସ୍ତକ ଶ୍ରଦ୍ଧାଳୁ ମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ପଣ୍ଡିତ ସୋମନାଥ ମିଶ୍ର, ଜଗନ୍ନାଥ ପଣ୍ଡା, ସିଦ୍ଧାର୍ଥ ଆଚାର୍ଯ୍ୟ, ଦୀପ୍ତି ରଞ୍ଜନ ପାଢ଼ୀ, ବଦ୍ରୀ ନାରାୟଣ ମିଶ୍ର, ଟ୍ରଷ୍ଟ ସଭାପତି ସୁଶାନ୍ତ କୁମାର ପାତ୍ର, ପ୍ରତିଷ୍ଠାତା ସଭ୍ୟ ଧ୍ରୁବ ଚରଣ ଦାସ, ପ୍ରଶାନ୍ତ କୁମାର ପାତ୍ର, ଜିତେନ୍ଦ୍ର ଜେନା, ଦେବୀ ପ୍ରସାଦ ପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ



ଡେରାବିଶ, ୩।୪(ସମିସ): ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟରେ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କାମିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରତିଷ୍ଠାତା ତଥା ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକ ଶ୍ରମ କାର୍ଯ୍ୟାଳୟ ଅଧିକାରୀଙ୍କ ଆକ୍ରୋଶର ଶିକାର ହେଉଥିବା ନେଇ ଶ୍ରୀ ତ୍ରିପାଠୀ ଉଦ୍‌ବେଗ ପ୍ରକାଶ କରିଥିଲେ। ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମହିଳା ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ ନ କରିବା, ଶ୍ରମିକଙ୍କ ଝିଅ ବିଭାଘର ଅନୁଦାନ ପାଇଁ ଦେଇଥିବା ଦରଖାସ୍ତକୁ ଗୁରୁତ୍ୱ ନ ଦେବା, ମଞ୍ଜୁରୀପ୍ରାପ୍ତ ଅନୁଦାନକୁ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ନ ପଠାଇବା ଅଭିଯୋଗର ଉଚିତ୍ ବିଚାର କରା ନ ଗଲେ ସଂଘ ଶ୍ରମ କାର୍ଯ୍ୟାଳୟରେ ଅନଶନରେ ବସିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ନିତ୍ୟାନନ୍ଦ ସାମଲ, ଦିତିକୃଷ୍ଣ ପଣ୍ଡା, ପ୍ରଦୀପ୍ତ ସାମଲ, ମହେଶ୍ୱର ନାୟକ, ଜଗନ୍ନାଥ ବେହେରା, ବିଶ୍ୱମ୍ବର ଗିରି, ଅକ୍ଷୟ ଲେଙ୍କା, ସୁବାସ ସ୍ୱାଇଁ, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ ସୁରେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକ ରଶ୍ମିଙ୍କ ପାଇଁ ଢିଙ୍କିଆରେ ସ୍ମୃତିସଭା



ପାରାଦୀପ,୩।୪(ସମିସ): ଯୁବ ସାମ୍ବାଦିକ ରଶ୍ମି ରଞ୍ଜନ ରାଉତରାୟ(ବାପି)ଙ୍କର ଦ୍ୱାଦଶାହ ଅବସରରେ ଢିଙ୍କିଆରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଦିବଙ୍ଗତ ରଶ୍ମିଙ୍କ ସ୍ମୃତିରେ ଆଜି ଢିଙ୍କିଆ ମା' ଫୁଲଖାଇ ପୀଠରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଢିଙ୍କିଆ ଅଞ୍ଚଳର ବହୁ ବୁଦ୍ଧିଜୀବୀ ମୁରବୀ ଓ ଯୁବଗୋଷ୍ଠୀ ଉପସ୍ଥିତ ରହି ବାପିଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା ସହ ଶୋକସଭା କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ତାଙ୍କ ପରିବାରକୁ ଭଗବାନ ସହାୟ ହେବା ପାଇଁ ପ୍ରାର୍ଥନା କରିଥିଲେ। ଢିଙ୍କିଆ ଚାରିଦେଶ ପାଇଁ ବାପିଙ୍କ ସାମ୍ବାଦିକତା ଅତୁଳନୀୟ ରହିଥିବା। ଢ଼ିଙ୍କିଆ ଚାରିଦେଶରେ ଜୀବନ ଜୀବିକା ପାଇଁ ଚାଲିଥିବା ଜନ ଆନ୍ଦୋଳନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସାମ୍ବାଦିକ ହିସାବରେ ସେ ବେଶ୍ ଆଗରେ ଥିଲେ। ଏହି ସ୍ମୃତିସଭାରେ ଜନ ଆନ୍ଦୋଳନକାରୀ ନେତା ଦେବେନ୍ଦ୍ର ସ୍ୱାଇଁ, କାଶୀନାଥ ମହାପାତ୍ର, ଅଜୟ ଦାସ, ଶିକାରୀ କାଣ୍ଡି, ନରେନ୍ଦ୍ର ନାୟକ, ସରୋଜ ନାୟକ, ଗୌତମ ଦାସ, ସତ୍ୟାନନ୍ଦ ସେଠୀ, ରମେଶ ନାୟକ, ବସନ୍ତ ଗୋଛାୟତ, ମାନସ ବର୍ଦ୍ଧନ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳର ତୃତୀୟ ସନ୍ଧ୍ୟା



ଜଗତସିଂହପୁର,୩।୪(ସମିସ): ଆଜି ଜିଲ୍ଲା ମହୋତ୍ସବ କଲ୍ଲୋଳର ତୃତୀୟ ସନ୍ଧ୍ୟା ଓ ଜିଲ୍ଲା ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଜିଲ୍ଲାର ପ୍ରାଚୀନ ଐତିହ୍ୟ ଓ ପରମ୍ପରା ସାରା ବିଶ୍ୱ ପ୍ରସିଦ୍ଧ। ଜଗତସିଂହପୁର ଜିଲ୍ଲା ନୌବାଣିଜ୍ୟରେ ବିଶ୍ୱ ପ୍ରସିଦ୍ଧ। ସ୍ୱାଧୀନତା ସଂଗ୍ରାମୀ ଇତିହାସରେ ମଧ୍ୟ ଆମ ଜିଲ୍ଲାର ସ୍ୱାଭିମାନ ଅଛି ଓ ଅଳକା ଆଶ୍ରମର ଅବଦାନ ରହିଛି। ଜିଲ୍ଲାର ପ୍ରଗତି ପାଇଁ ଯୁବପିଢ଼ିଙ୍କ ଭୂମିକା ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲ୍ଲା ବିକଶିତ ହେଲେ ଓଡ଼ିଶା ବିକଶିତ ହେବ। ଏଥିପାଇଁ ଆମେ ସମସ୍ତେ ସଂକଳ୍ପ ନେବା ଓ ଆମ ଜିଲ୍ଲାକୁ ଆଗେଇ ନେବା ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ, ଆମେ ଇତିହାସକୁ ମନେ ରଖିବା ଓ ଆମ ଜିଲ୍ଲା ପାଇଁ ନୂତନ ଇତିହାସ ଓ ଉଦାହରଣ ସୃଷ୍ଟି କରିବା। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଯୋଗଦେଇଥିବା ବେଳେ ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ। ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା "ଆଦିପତ୍ର'ର ଉନ୍ମୋଚନ ହୋଇଥିଲା। ସ୍ମରଣିକା "ଆଦିପତ୍ର'ର ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଆଦିପତ୍ର ଜିଲ୍ଲାର ଅତୀତ ଓ ବର୍ତ୍ତମାନର ସୂଚନା ପ୍ରଦାନ କରେ ବୋଲି କହିଥିଲେ। ଜିଲ୍ଲା ଉପରେ ଆଧାରିତ ଏକ ସୁନ୍ଦର କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନଙ୍କ ପାଖରେ ପୋଡ଼ପିଠା, ମାଣ୍ଡିଆ ପୋଡ଼ପିଠା ଉପସ୍ଥାପନ କରିଥିଲେ। ଅତିଥିମାନେ ଏହାକୁ କାଟି ଜିଲ୍ଲାର ଜନ୍ମ ଦିବସ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିବା ସହ ମଞ୍ଚ ପରିଚାଳନା କରିଥିଲେ। କଲ୍ଲୋଳର ତୃତୀୟ ସନ୍ଧ୍ୟାରେ ଇରା ମହାନ୍ତି ଓ ସାଥୀଙ୍କ ସୁମଧୁର ସଙ୍ଗୀତର ଯାଦୁ ସହ ପ୍ରଜ୍ଞା ଖଟୁଆଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ସମସ୍ତଙ୍କୁ ବିମୋହିତ କରିଥିଲା।

# ଜଳିଗଲା ଦିବ୍ୟାଙ୍ଗଙ୍କ ଭଡ଼ା ଘର




ଭୁବନ, ୩।୪(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମରେ ଭଡ଼ା ଘରେ ବସବାସ କରୁଥିବା ୧୨ ଜଣ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଘର ବୁଧବାର ଅପରାହ୍ଣରେ ଜଳିଯାଇଛି। ସର୍ବସ୍ୱାନ୍ତ ହୋଇଥିବା ଦିବ୍ୟାଙ୍ଗଙ୍କୁ ସହାୟତା ପାଇଁ ଦାବି ହୋଇଛି। ଦିବ୍ୟାଙ୍ଗମାନେ ଭଡା ଘରେ ରହି ବିଭିନ୍ନ ସ୍ଥାନରେ ଭଜନ ପରିବେଷଣ କରି ଜୀବିକା ନିର୍ବାହ କରୁଛନ୍ତି। ବୁଧବାର ସମସ୍ତେ ଭଜନ ପରିବେଷଣ ନିମନ୍ତେ ଯାଇଥିଲେ। କୌଣସି କାରଣରୁ ଘରରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଯାଜପୁରରୋଡ ଧବଳଗିରି ରେ ରହୁଥିବା କମଳ ଲୋଚନ ସାହୁ ଘର ମାଲିକଙ୍କୁ ଖବର ଦେଇଥିଲେ। ଖବର ପାଇ ଭୁବନ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ଦୈନନ୍ଦିନ ରାସନ ସାମଗ୍ରୀ, ଫ୍ରିଜ, ଇନଭର୍ଟର, ବାଇକ, ପାଣି ମୋଟର, କିଛି ପୁରୁଣା ବାଦ୍ୟ ଯନ୍ତ୍ର, ଆବଶ୍ୟକ ପତ୍ରପତ୍ରିକା ଆଦି ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡକୁ ୩ ଦିନ ବିତିଯାଇଥିଲେ ବି ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, ପ୍ରଶାସନିକ ଅଧିକାରୀ କେହି ବି ପହଞ୍ଚିନାହାନ୍ତି।

# ଭୁବନ ମୁଖ୍ୟ ବଜାରରେ ବୁଲିଲା ଦନ୍ତା

ଭୁବନ, ୩।୪(ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ମୁଖ୍ୟ ବଜାର ଭିତରେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଶୁକ୍ରବାର ସକାଳ ପ୍ରାୟ ୬ଟାରେ ଭରତୀ ପାହାଡ଼ ପାଦଦେଶରେ ଥିବା ମହିଳା ମହାବିଦ୍ୟାଳୟ ରାସ୍ତାରେ ହାତୀକୁ ଦେଖି ସାହିବାସିନ୍ଦା ଭୟଭୀତ ହୋଇଯାଇଥିଲେ। ଏହି ଦନ୍ତାହାତୀ ନିୟୁ ରଙ୍ଗିଲା ବାର୍‌କୁ ପଶିଯାଇଥିଲା। ଲୋକେ ହୋ-ହାଲ୍ଲା କରିବାରୁ ସିଭିଲ କୋର୍ଟ ସମ୍ମୁଖରେ ସହର ଭିତରକୁ ପ୍ରବେଶ କରିଥିଲା। ଖବର ପାଇ ବନପାଳ କଳ୍ପନା ବେହେରା ସଦଳବଳ ପହଞ୍ଚିଥିଲେ। ଏହି ଦଳ ହାତୀକୁ ଘଉଡ଼ାଇ କିଛି ବାଟ ଗଲା ପରେ ପୋଷ୍ଟ ଅଫିସ ଛକ ଠାରେ ଦକ୍ଷିଣ ଦିଗକୁ ଯାଇ ସରସ୍ୱତୀ ଶିଶୁ ମନ୍ଦିର ରାସ୍ତାରେ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଭୂଷଳ ବନ୍ଦାଳ ରାସ୍ତାରେ ସୁଲେଇପାଳ ଦେଇ ବ୍ରାହ୍ମଣୀ ନଦୀ ପାର କରାଇଥିଲେ ବନ କର୍ମଚାରୀ। ତେବେ ବ୍ରାହ୍ମଣୀ ନଦୀ ପାର କରାଇଥିଲେ। ପାହାଡ଼ରେ ବ୍ଲାଷ୍ଟିଂ ଯୋଗୁଁ ଖାଦ୍ୟ ସନ୍ଧାନରେ ସହର ମଧ୍ୟକୁ ହାତୀ ପଶି ଅସୁଥିବା ଦେଖାଯାଇଛି। ଆଜି ସକାଳୁ କୋର୍ଟ ଛକ ଦେଇ ସହର ମଧ୍ୟରେ ପ୍ରବେଶ କରିଥିବା ହାତୀ ରାକେଶ କାହାର କିଛି କ୍ଷତି କରିନାହିଁ।



# ସାତମାସ ଧରି ଶିଶୁପୁତ୍ର ନିଖୋଜ

ଖଜୁରିଆକଟା, ୩।୪(ସମିସ): ରାସୋଳ ଥାନାର ଦଣ୍ଡିରୀ ପଞ୍ଚାୟତ କନକା ଗ୍ରାମରୁ ଏକ ଦେଢ଼ ବର୍ଷର ଶିଶୁପୁତ୍ର ନିଖୋଜ ହୋଇଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାର ପତ୍ତା ମିଳିନାହିଁ। ଗତ କିଛି ମାସ ପୂର୍ବେ ମଧ୍ୟାହ୍ନ ସମୟରେ କନକା ଗ୍ରାମର ହୃଦାନନ୍ଦ ପ୍ରଧାନ କାମକୁ ଯିବାପରେ ସ୍ତ୍ରୀ ବର୍ଷା ପ୍ରଧାନ ଦେଢ଼ବର୍ଷର ଶିଶୁପୁତ୍ରକୁ ଘରେ ଛାଡ଼ି କୌଣସି ଏକ କାର୍ଯ୍ୟ କରୁଥିଲେ। କାର୍ଯ୍ୟସାରି ଘରକୁ ଆସି ଦେଖନ୍ତି ତ ପୁଅ ତାଙ୍କର ଘରେ ନାହିଁ। ୫ ମିନିଟ ବ୍ୟବଧାନରେ ଏଭଳି ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପୁଅକୁ ପାଇ ନଥିଲେ। ଶେଷରେ ନିରାଶ ହୋଇ ରାସୋଳ ଥାନାରେ ପୁଅ ନିଖୋଜ ହୋଇଥିବାର ଅଭିଯୋଗ କରିଥିଲେ। ରାସୋଳ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଖୋଜାଖୋଜି କରିଥିଲେ ମଧ୍ୟ ଶିଶୁପୁତ୍ରର ସନ୍ଧାନ ପାଇ ନଥିଲେ। ଦୀର୍ଘ ୭ମାସ ବିତିଯାଇଥିଲେ ମଧ୍ୟ ଶିଶୁଟିର ସନ୍ଧାନ ଏଯାଏ ମିଳିପାରିନାହିଁ। ଫଳରେ ପୁଅକୁ ନପାଇ ପରିବାର ଲୋକେ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି। ଶିଶୁଟି ଜୀବିତ ଅଛି କି ନାହିଁ ତାକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ବେଡ଼ାପଡ଼ା ଗ୍ରାମର ସରକାରୀ ଓକିଲ ଥିବା ସୁଶୀଲ ଗଡ଼ନାୟକଙ୍କୁ ଏକ ଯୁବକ ଛୁରାମାଡ଼ କରିଥିଲା। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ରାସୋଳ ପୁଲିସ୍ ସମ୍ପୃକ୍ତ ଅଭିଯୁକ୍ତକୁ ଧରିବାରେ ବିଫଳ ହୋଇଛି। ଦାୟିତ୍ୱରେ ଥିବା ଥାନାଅଧିକାରୀଙ୍କର କାର୍ଯ୍ୟକାଳ ଶେଷ ହେଲା ପଛେ ନିଖୋଜ ଶିଶୁ ପୁତ୍ରର ତିଳେମାତ୍ର ସନ୍ଧାନ ମିଳିଲା ନାହିଁ। ଯେଉଁଥିପାଇଁ ପୁଲିସ୍ ର ପାରିବାପଣିଆ ଉପରେ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ କେବେ ପୁଲିସ୍ ପ୍ରଶାସନ ସଜାଗ ହେବ ଏବଂ ଜନସାଧାରଣ ସୁରକ୍ଷା ପାଇବ ତାହା ଦେଖିବାକୁ ବାକି ରହିଲା।




# କେନାଲରେ ବୁଡ଼ି ଯୁବକ ମୃତ

ପରଜଙ୍ଗ, ୩।୪(ସମିସ): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି କୁଲେଇ ଗ୍ରାମ ସାତଘରିଆ ସାହିର ଖାଲୁ ମଳିକ (୪୫) ରେଙ୍ଗାଳି ବାମ ପାର୍ଶ୍ୱ କେନାଲରେ ଭାସିଯାଇଛନ୍ତି। ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ଖାଲୁ ଓ ତାଙ୍କ ବାପା କାଳିଆ ମଳିକ କାମ କରିବା ପାଇଁ ଯାଇଥିଲେ। ଘରକୁ ଫେରିବା ବେଳେ ପାତ୍ରସାହି ନିକଟ କେନାଲରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁଁ ପ୍ରଖରସ୍ରୋତରେ ଖାଲୁ ଭାସିଯାଇ ନିଖୋଜ ହୋଇଯାଇଥିଲେ। ପୁଅ ଭାସିଯିବା ଘଟଣା ବାପା ସାହିପଡ଼ିଶାକୁ ଜଣାଇବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ଦୀର୍ଘ ସମୟ ଧରି ଖୋଜାଖୋଜି ପରେ ଅଗ୍ନିଶମ ବାହିନୀ ଖାଲୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଦଦରାଘାଟି ଫାଣ୍ଡି ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ।

# ଶିକ୍ଷାବିତ୍ ସାରଙ୍ଗଧର ମିଶ୍ରଙ୍କ ବିୟୋଗ



ଢେଙ୍କାନାଳ, ୩।୪(ସମିସ): ଗଁଦିଆ ନବଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦର ଶ୍ରୀରାମଚନ୍ଦ୍ରପୁର ଶାସନରେ ଜନ୍ମିତ ଢେଙ୍କାନାଳ କୁଞ୍ଜ କାନ୍ତରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସାରଙ୍ଗଧର ମିଶ୍ରଙ୍କ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଜଣେ ଶିକ୍ଷାବିତ୍ ଓ ସାହିତ୍ୟିକ ଭାବେ ଜଣାଶୁଣା। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗ ଦ୍ୱାରରେ କରାଯାଇଛି। ପୁତ୍ର ମହେଶ ପ୍ରସାଦ, ପୁତୁରା ରାମକୃଷ୍ଣ ମିଶ୍ର, ଝିଅ ଜ୍ୱାଇଁ ପରିବାର ଓ ଆତ୍ମୀୟସ୍ୱଜନ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ତାଙ୍କର ଛାତ୍ର ତଥା ପ୍ରକୃତି ବନ୍ଧୁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଅବହେଳିତ ଅବସ୍ଥାରେ ତେନ୍ତୁଳିଆପଦା ମଙ୍ଗଳା ପୀଠ



ଢେଙ୍କାନାଳ, ୩।୪(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ତେନ୍ତୁଳିଆପଦାର ସର୍ବ ପ୍ରାଚୀନ ମା' ମଙ୍ଗଳା ଦେବୀଙ୍କ ପୀଠ ଏବେ ଅବହେଳିତ ଅବସ୍ଥାରେ। ଏହି ପୀଠ ଶତାଧିକ ବର୍ଷ ଧରି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର ପୀଠ ହୋଇ ରହିଆସିଛି। ଅନେକ ସନ୍ତାନସନ୍ତତି କାମନାରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରୁ ଏଠାକୁ ଆସି ମା'ଙ୍କ ଶରଣାପନ୍ନ ହୋଇ ଇପ୍ସିତ ଫଳ ଲାଭ କରିଥାନ୍ତି। ଏକ ଚାଳିଆରେ ବିଜେ କରି ଆସୁଥିବା ମା' ମଙ୍ଗଳାଙ୍କର ଏବେର ମନ୍ଦିର ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଲିଙ୍ଗରାଜ ସେଠୀଙ୍କ ଦ୍ୱାରା ପ୍ରାୟ ୩୦ ବର୍ଷ ତଳୁ ନିର୍ମିତ ହୋଇଛି। ତେବେ ୫୫ନଂ ଜାତୀୟ ରାଜପଥରୁ ତେନ୍ତୁଳିଆପଦା ରାସ୍ତା ଛକରେ ଏଯାବତ ସୂଚନା ଫଳକଟିଏ ବି ଲାଗି ନାହିଁ। ଏହି ରାସ୍ତା ୧୯୨୭ ମସିହାରୁ ପ୍ରାଚୀନ ସଦାଶିବପୁର ରେଳ ଷ୍ଟେସନ ପାର୍ଶ୍ୱ ଦେଇ ତେନ୍ତୁଳିଆପଦା ଗ୍ରାମ ଓ ମା'ଙ୍କ ପୀଠ ଆଡକୁ ଯାଇଛି। ବାଟରେ ଅଙ୍କାବଙ୍କା ଗ୍ରାମ୍ୟ ରାସ୍ତାର ଛକମାନଙ୍କରେ ବି ପଞ୍ଚାୟତ ପକ୍ଷରୁ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ସଦାଶିବପୁର ରେଳ ଷ୍ଟେସନ ଦକ୍ଷିଣ ପାର୍ଶ୍ୱରେ ଭାରତୀୟ ତୈଳ ନିଗମର ବୃହଦାକାର ତୈଳ ଡିପୋ ନିର୍ମାଣାଧିନ ରହି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏଠାରୁ ପ୍ରାୟ ୬୦୦ମିଟର ଦୂରରେ ୫୫ନଂ ଜାତୀୟ ରାଜପଥ ରହିଛି। ଜାତୀୟ ରାଜପଥରୁ ତୈଳ ଡିପୋ ଯାଏଁ ତୈଳ ପରିବହନକାରୀ ବଡ଼ ବଡ଼ ଟ୍ୟାଙ୍କରଗୁଡିକର ଯିବା ଆସିବା ଦୃଷ୍ଟିରୁ ଉକ୍ତ ରାସ୍ତା ଚାରିଥାକିଆ ହେବା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ଯାହାର ନିର୍ମାଣ ଏଯାଏଁ ଆରମ୍ଭ ହୋଇନାହିଁ। ସେଠାରୁ ଅପର ପାର୍ଶ୍ୱରେ ଥିବା ଷ୍ଟେସନ ଓ ବିଭିନ୍ନ ଗ୍ରାମକୁ ନିରବଚ୍ଛିନ୍ନ ଯାତାୟତ ପାଇଁ ଓଭରବ୍ରିଜ୍ ହେଉ କି ଅଣ୍ଡରବ୍ରିଜ ହେଉ ତା'ର ନିର୍ମାଣର ବି ଆବଶ୍ୟକତା ରହିଛି। ସେଠାରୁ ମା'ଙ୍କ ପୀଠ ଯାଏ ଥିବା ପ୍ରାୟ ୩ କିମି ରାସ୍ତାର ଦୋହରୀକରଣ କରାଗଲେ ଗ୍ରାମବାସୀ ଓ ବହିରାଗତ ଶ୍ରଦ୍ଧାଳୁମାନଙ୍କ ଯାତାୟତ ସୁଗମ ହୋଇପାରନ୍ତା। ଏଥିପାଇଁ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ମା'ଙ୍କ ପୀଠଯାଏ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା ଆବଶ୍ୟକ। ମା'ଙ୍କ ପୀଠ ସମ୍ମୁଖରେ ଥିବା ରାସ୍ତା ବଉଳପୁର ଗ୍ରାମ ଦେଇ ପୁନଶ୍ଚ ଜାତୀୟ ରାଜପଥକୁ ଆସିଛି। ଏଣୁ ଏହାର ଉନ୍ନତି ବିଧାନ କରାଗଲେ ଲକ୍ଷ ଲକ୍ଷ ଲୋକଙ୍କ ଯାତାୟତ ସହଜ ଓ ସୁଗମ ହୋଇପାରନ୍ତା। ଏଥିପ୍ରତି ଜିଲ୍ଲାପାଳ ଓ ନିର୍ବାଚିତ ଲୋକ ପ୍ରତିନିଧି ତୁରନ୍ତ ଦୃଷ୍ଟି ଦେଇ ଶତାଧିକ ବର୍ଷର ପ୍ରାଚୀନ ଏହି ଶକ୍ତିପୀଠର ଉନ୍ନତି କରିବାକୁ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଏହାର ସଭାପତି ପ୍ରଦ୍ୟୁମ୍ନ ରଥ ଓ କର୍ମକର୍ତ୍ତାବୃନ୍ଦ ଦାବି କରିଛନ୍ତି।

# ରାସ୍ତା ଖୋଳି ଛାଡ଼ିଦେଉଛନ୍ତି ଠିକାଦାର; ବଢୁଛି ଦୁର୍ଘଟଣା



ଗଁଦିଆ, ୩।୪(ସମିସ): ଗଁଦିଆ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ଚାଲିଥିବାବେଳେ ରାସ୍ତା କଡ଼ରେ ପାଇପ ବିଛା କାର୍ଯ୍ୟ ଜାରି ରହିଛି। ତେବେ ଏହି ପାଇପ୍ ବିଛାଇବା ପାଇଁ ଠିକାଦାର ରାସ୍ତା ଖୋଳିଥିଲେ ମଧ୍ୟ ତାହାକୁ ଅଧାପନ୍ତରିଆ ଭାବେ ଛାଡ଼ି ଦେଇଛନ୍ତି। ଯାହା ଫଳରେ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଢେଙ୍କାନାଳ ଗଁଦିଆ ମୁଖ୍ୟ ରାସ୍ତା କଡ଼କୁ ଖୋଳି ପାଇପ୍ ବିଛାଯାଉଥିବାବେଳେ ବ୍ଲକର ମୁଖ୍ୟ ଛକ ୟୁକୋ ବ୍ୟାଙ୍କ ଠାରେ ଉକ୍ତ ରାସ୍ତାରେ ମାଟି ଗଦା କରିଥିବାରୁ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ଫଳରେ ଉକ୍ତ ସ୍ଥାନରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ଆଜି ସୋରିଶିଆପଦା ପଞ୍ଚାୟତ ଦେଓଝର ଗ୍ରାମର ସିଦ୍ଧାନ୍ତ ନାୟକ (୨୫) ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ସନ୍ଧ୍ୟା ପ୍ରାୟ ୭ଟାବେଳେ ଉକ୍ତ ସ୍ଥାନରେ ପାହାଡ଼ ସଦୃଶ ମାଟି ଗଦାରେ ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି। ଯାହାଫଳରେ ତାଙ୍କର ଗୋଡ଼ ଓ ଅଣ୍ଟାରେ ଗୁରୁତର ଆଘାତ ଲାଗିଛି। ମେଗା ପ୍ରକଳ୍ପ ନାମରେ ଚାଲୁଥିବା କାମରେ ଏପରି ଖାମଖିଆଲି ଯୋଗୁଁ ଜନସାଧାରଣ ହଇରାଣ ହେଉଛନ୍ତି। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗୁରୁତର ଆହତଙ୍କୁ ଆର୍ଥିକ ସହାୟତା



ଖଜୁରିଆକଟା, ୩।୪(ସମିସ): ହିନ୍ଦୋଳ ଉପଖଣ୍ଡରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗୁରୁତର ଆହତ ପୀତବାସ ନାୟକଙ୍କୁ ସହାୟତାର ହାତ ବଢ଼ାଇଛି। ଦୁଇମାସ ତଳେ ହିନ୍ଦୋଳ ବ୍ଲକ କଡ଼ଲା ଗ୍ରାମର ଜାପାନୀ ନାୟକଙ୍କ ସାନପୁଅ ପୀତବାସ ନାୟକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଥିବା ବେଳେ ସରକାରଙ୍କ ଆୟୁଷ୍ମାନ କାର୍ଡରେ ଥିବା ୫ ଲକ୍ଷ ଟଙ୍କା ଶେଷ ହୋଇଯାଇଛି। ମାତ୍ର ଗରିବ ପରିବାରର ପୀତବାସ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଚିକିତ୍ସାପାଇଁ ଅର୍ଥର ଆବଶ୍ୟକତା ଥିବାବେଳେ ଅସହାୟ ହୋଇପଡ଼ିଛନ୍ତି। ଏହି ଖବରପାଇ ହିନ୍ଦୋଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛୋଟ ଏକ ପ୍ରୟାସର ସଦସ୍ୟମାନେ ନିଜନିଜ ପକେଟ ଖର୍ଚ୍ଚରୁ ସଂଗ୍ରହ କରି ୪ହଜାର ଟଙ୍କାର ଆର୍ଥିକ ସହାୟତା ତାଙ୍କ ପରିବାର ବର୍ଗଙ୍କୁ କରିଛନ୍ତି। ତେବେ ଅସହାୟ ଗୁରୁତର ପୀତବାସଙ୍କ ଚିକିତ୍ସା ପାଇଁ ଅନୁଷ୍ଠାନ ସହ ହିନ୍ଦୋଳର ବୁଦ୍ଧିଜୀବୀ ଜନସାଧାରଣ ରାଜ୍ୟ ସରକାର, ପ୍ରଶାସନଙ୍କୁ ନିବେଦନ କରିବାସହ ତାଙ୍କୁ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।

# ପ୍ରାଦେଶିକ ଚାରଣ ସମ୍ମିଳନୀ ଉଦ୍‌ଯାପିତ



ଗଁଦିଆ, ୩।୪(ସମିସ): ଢେଙ୍କାନାଳ ଜିଲ୍ଲା ମହିମାଗାଦି ଯୋରନ୍ଦା ଜଗନ୍ନାଥ ମନ୍ଦିର ପରିସରରେ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ, ପୁରୀ ଆନୁକୂଲ୍ୟରେ ଅନୁଷ୍ଠିତ ତିନିଦିନିଆ ୪୯ତମ ପ୍ରାଦେଶିକ ଚାରଣ ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ଚେତନା ଅଧିବେଶନ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶେଷ ଦିନରେ ପ୍ରଭୁଙ୍କର ଆକର୍ଷଣୀୟ ବେଶ ପ୍ରଦର୍ଶନ କରାଯାଇଥିଲା। ଯାହା ଶ୍ରଦ୍ଧାଳୁଙ୍କ ମଧ୍ୟରେ ମୁଖ୍ୟ ଆକର୍ଷଣ ସାଜିଥିଲା। ଗତ ମାର୍ଚ୍ଚ ୩୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଗବେଷକ ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସେ ମହିମା ଧର୍ମ ଓ ଜଗନ୍ନାଥ ସଂସ୍କୃତିର ସମନ୍ୱୟ ଉପରେ ସନ୍ଥ କବି ଭୀମ ଭୋଇଙ୍କ ରଚିତ ସ୍ତୁତି ଚିନ୍ତାମଣିର ଆଧାରରେ ଆଲୋଚନା କରିଥିଲେ। ସମ୍ମିଳନୀର ଦ୍ୱିତୀୟ ଦିନ 'ଉତ୍କଳ ଦିବସ' ଅବସରରେ ସ୍ୱତନ୍ତ୍ର ସଭା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଚାରଣ ମୁଖ୍ୟ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ୩୭ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଜାମୁସରା ପୁଷ୍କରିଣୀରେ ସମୂହ ତିଳତର୍ପଣ ସହ ନଗର କୀର୍ତ୍ତନ କରାଯାଇଥିଲା। ଦଧିସିଙ୍ଗା ଗ୍ରାମ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନଗର ପରିକ୍ରମା ପରେ ଜଗନ୍ନାଥ ମନ୍ଦିରରେ ବିଷ୍ଣୁ ସହସ୍ର ନାମ ଓ ଗୀତା ପାଠ କରାଯାଇଥିଲା। ରାତ୍ରିରେ ଭାଗବତ ପାଠ ପରେ ଜଗନ୍ନାଥ ସଂସ୍କୃତିର ତତ୍ତ୍ୱ ଓ ତଥ୍ୟ ଉପରେ ପ୍ରବଚନ ଏବଂ ପଦ୍ମଶ୍ରୀ ରଥଶର୍ମାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାରୁ ଚାରଣ ଶାଖାର ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦଳପତି ପ୍ରାଧ୍ୟାପକ ଡକ୍ଟର ଗୋପାଳ ଚନ୍ଦ୍ର ରଥ ପରିଚାଳନା କରିଥିବା ବେଳେ ଚାରଣ ଅରୁଣ ପୁହାଣ ଆଦ୍ୟକଥନ ରଖିଥିଲେ। ଅତିଥି ଭାବେ ଡେପୁଟି କଲେକ୍ଟର ଆଦିତ୍ୟ ପ୍ରସାଦ ସାହୁ, ମହିମା ସାଧୁ ବିନୟ ଦାସ ମହାରାଜ, ଡକ୍ଟର ଗୋଲେଖ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାନନ ସ୍ୱାଇଁ, ବିପିନ ବିହାରୀ ଶତପଥୀ, ଇନ୍ଦ୍ରମଣି ବେହେରା, ରମେଶ ଚନ୍ଦ୍ର ଲେଙ୍କା, ମଥୁରା ପ୍ରସାଦ ସାହୁ ଏବଂ ଯୋରନ୍ଦା ଶାଖାର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ରାଉତ ଓ ତାଙ୍କ ସହଧର୍ମିଣୀ କୀର୍ତ୍ତି ଦାୟିତ୍ୱ ନିର୍ବାହ କରିଥିଲେ।

# ଢେଙ୍କାନାଳ ପାଇଁ ସ୍ୱର୍ଣ୍ଣ ଆଣିଲେ କୀର୍ତ୍ତିରାଣୀ

ଢେଙ୍କାନାଳ, ୩।୪(ସମିସ): ଅସ୍ମିତା ଖେଲୋ ଇଣ୍ଡିଆ ନେସନାଲ କିକ ବକ୍ସିଂ ଲିଗ ତାମିଲନାଡୁର ବିନାୟକ ମିସନ ଚେନ୍ନାଇ କ୍ୟାମ୍ପସ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟର ୬୦୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୨୪ ଜଣ ପ୍ରତିଯୋଗୀ ଯାଇଥିବା ବେଳେ ଢେଙ୍କାନାଳ ଜିଲ୍ଲାର ୬ ଜଣ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଏକ ମାତ୍ର ଖେଳାଳି ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଫାଇନାଲ ପ୍ରତିଯୋଗିତାରେ ପଞ୍ଜାବର ପ୍ରତିଯୋଗୀକୁ ୧୨/୦୨ ପଏଣ୍ଟରେ ନକ୍‌ଆଉଟ୍ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ କୀର୍ତ୍ତିରାଣୀ ସାହୁଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ଏହି ପ୍ରତିଯୋଗିତା ପାଇଁ ସେ କଠିନ ପରିଶ୍ରମ କରି ଢେଙ୍କାନାଳ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଅର୍ମେଚର କିକ୍ ବକ୍ସିଂ ଆସୋସିଏସନ୍ ଅଫ୍ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ଢେଙ୍କାନାଳ କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର ଏବଂ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ସମସ୍ତ ସଦସ୍ୟ ଓ କୋଚିଂ କମିଟି ଖେଳାଳିଙ୍କୁ ଶୁଭେଚ୍ଛା ଣାଇଛନ୍ତି।




# କ୍ଲବ୍ ଘରେ ୩୧ବର୍ଷ ହେଲା ଚାଲିଛି ପିଙ୍ଗୁଆ ଡାକଘର

ଗଁଦିଆ, ୩।୪(ସମିସ)



ଗଁଦିଆ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଗ୍ରାମୀଣ ଡାକଘରଗୁଡ଼ିକ ନିଜସ୍ୱ ଗୃହରେ ହେବା ନିମନ୍ତେ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ଚିଠି କରି କରି ଥକିଲେଣି। ମାତ୍ର ବ୍ଲକର ୧୭ ଟିରୁ ୧୬ଟି ପଞ୍ଚାୟତ କାର୍ଯ୍ୟାଳୟରେ ଚାଲୁଥିବା ବେଳେ ପିଙ୍ଗୁଆ ଡାକଘର ଦୀର୍ଘ ୩୧ ବର୍ଷ ଧରି କ୍ଲବ୍ ଘରେ ଚାଲିଛି। ଏବେ ଏହି ଘରଟି ଭାଙ୍ଗିରୁଜି ଗଲାଣି। ତଥାପି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗୁନି। ବାରମ୍ବାର କେବଳ ଚିଠି ଓ ନିର୍ଦ୍ଦେଶରେ ବିତୁଛି ସିନା, ହେଲେ ଏହି ଡାକଘରର ଭାଗ୍ୟ ପରିବର୍ତ୍ତନ ହେଉନାହିଁ। ଗଁଦିଆ ଉପ ଡାକଘର ଅଧୀନରେ ଥିବା ବରଦା, ବିଧାରପୁର, କାଶୀପୁର, ଖାଁକିରା, ଲାଉଲାଇ, ଲେଥକା, ମନ୍ଦାର, ମଠତେନ୍ତୁଳିଆ, ନିହାଲପ୍ରସାଦ, ପିଙ୍ଗୁଆ, ରାଇତଳା, ଷଡ଼ଙ୍ଗୀ, କାବେରା, ବାଇଁଶିଆ, କାଲୁରିଆ, କରମୂଳ, ନେଉଳପୋଇ ଡାକଘର ପଞ୍ଚାୟତ ଘରେ ହୋଇଛି। ଚଳିତ ବର୍ଷ ନୂଆ କରି ହୋଇଥିବା ଚଟିଘର ଓ ବଣିଆପଡ଼ା ଡାକଘର ଗାଁ କୋଠ ଘରେ ହେଉଛି। ତେବେ ଗଁଦିଆ ବ୍ଲକ ବିଡିଓଙ୍କ ଚିଠି ୧୮୨/୧୬.୨୦୨୬ରେ ନିର୍ଦ୍ଦେଶ ଥିଲେ ସୁଦ୍ଧା ପିଙ୍ଗୁଆ ଡାକଘର ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ପିଙ୍ଗୁଆ ଡାକଘରର ଅବସ୍ଥା ସମ୍ପର୍କରେ ଢେଙ୍କାନାଳ ମୁଖ୍ୟ ଡାକପାଳ ବାରମ୍ବାର ଜିଲ୍ଲାପାଳଙ୍କୁ ଜଣାଇଲେ ବି ଶୁଣିବାକୁ କେହି ନାହାନ୍ତି। ତେବେ ଜିଲ୍ଲାର ଆର୍ଥିକ ଆୟବ୍ୟୟ ଦୃଷ୍ଟିରୁ ଏକ ନମ୍ବର ହୋଇଥିବା ଏହି ଡାକଘର ପ୍ରତି ଜିଲ୍ଲାପାଳ କାହିଁକି ଦୃଷ୍ଟି ଦେଉନାହାନ୍ତି ବୋଲି ପଚାରିବାରୁ ଡାକ ଅଧିକାରୀ ବିମଳ କୁମାର ସାହୁ କୁହନ୍ତି ମୁଁ ଗ୍ରାମୀଣ କର୍ମଚାରୀ। ୨୦୧୮ ମସିହାରୁ ଶୁଣୁଛି କେନ୍ଦ୍ର ସରକାର ବାରମ୍ବାର ଚିଠି ଦେଉଛନ୍ତି। ମୁଁ ବି ବ୍ୟକ୍ତିଗତ ଭାବେ ବିଡିଓଙ୍କୁ ସାକ୍ଷାତ କରିଛି। ଆମର ଅନ୍ୟ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଡାକଘର ହୋଇଛି। ଆମ ପଞ୍ଚାୟତରେ ବାରମ୍ବାର ଚିଠି ପରେ ବି ହେଉନି। ୩୧ ବର୍ଷ ଧରି କ୍ଲବ ଘରେ ଚାଲିଛି। କ୍ଲବ୍ ଘରଟି ଏବେ ଭାଙ୍ଗି ରୁଜି ଗଲାଣି। ଏହି ଡାକଘର ଉପରେ ଦଶମାଣପାଟଣା, ପିଙ୍ଗୁଆ, ଖଣ୍ଡବନ୍ଧ ୩ ପଞ୍ଚାୟତ ଗ୍ରାହକ ନିର୍ଭର କରୁଥିବାବେଳେ ଏହାର ଭାଗ୍ୟ କେବେ ବଦଳିବ ତାହା ଦେଖିବାକୁ ବାକି ରହିଛି।

# ଆଇଆଇଏମ୍‌ସିରେ ଏଆଇ କର୍ମଶାଳା

ଢେଙ୍କାନାଳ, ୩।୪(ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ଗୁଗୁଲ୍ ନ୍ୟୁଜ୍ ଇନିସିଏଟିଭ୍ ଆନୁକୂଲ୍ୟରେ 'ଏଆଇ ସ୍କିଲ୍ସ ପ୍ରୋଗ୍ରାମ୍' ଅନୁଷ୍ଠିତ ହୋଇଯାଇଛି। 'ଫ୍ରମ୍ ପ୍ରମ୍ପ୍ଟ ଟୁ ପ୍ରୋଟୋଟାଇପ୍: ଏଆଇ ଇନ୍ ମିଡିଆ' ଶୀର୍ଷକ ଏହି କର୍ମଶାଳାରେ ସାମ୍ବାଦିକତା ଏବଂ କର୍ପୋରେଟ୍ ଯୋଗାଯୋଗ ବିଭାଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଆନନ୍ଦ ପ୍ରଧାନ କହିଛନ୍ତି ଯେ, ଆଇଆଇଏମ୍‌ସି ଭବିଷ୍ୟତ ସାମ୍ବାଦିକତାର ନୂଆ ଦିଗଦର୍ଶନ। ଆଜିର ବୈଷୟିକ ଯୁଗରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ କୃତ୍ରିମ ବୁଦ୍ଧିମତା ବା ଏଆଇ ବିଷୟରେ ଜ୍ଞାନ ଆହରଣ କରିବା ଅତ୍ୟନ୍ତ ଜରୁରୀ। ଏହି କର୍ମଶାଳାରେ ସାମ୍ବାଦିକଙ୍କ ପାଇଁ ଉପଯୋଗୀ ଅନେକ ଆଧୁନିକ କୌଶଳ ଉପରେ ତାଲିମ ଦିଆହୋଇଛି। ପ୍ରଶିକ୍ଷିକା ଆଞ୍ଜେଲିନ୍ ଶାଲିନୀ ଜେମିନିର ଉନ୍ନତ ବୈଶିଷ୍ଟ୍ୟ ଯଥା- ଡାଟା ବିଶ୍ଳେଷଣ ଓ ରଣନୈତିକ ଯୋଗାଯୋଗ ଉପରେ ଆଲୋକପାତ କରିଥିଲେ। ଗୁଗୁଲ ନ୍ୟୁଜ ଇନିସିଏଟିଭ ଜିଏନଆଇର କବିତା ଉପାଧ୍ୟାୟଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀ ଦଳଗତ ଭାବେ ବିଭିନ୍ନ ନ୍ୟୁଜରୁମ୍ ଆପ୍ ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ। ଏହି ସମସ୍ତ ବୈଶିଷ୍ଟ୍ୟ ସାମ୍ବାଦିକଙ୍କୁ ଟ୍ରାନ୍ସକ୍ରିପ୍ସନ ସ୍ୱୟଂଚାଳିତ କରିବା, ବିଶାଳ ଡାଟାକୁ ସଂକ୍ଷିପ୍ତ କରିବା ଏବଂ ଫ୍ୟାକ୍ଟ ଚେକ୍ କରିବାରେ ବେଶ ସହାୟକ ହେବ। ଏହା ବ୍ୟତୀତ 'ଭାଇବ୍ କୋଡିଂ' ଏବଂ ଆପ୍ ବିଲଡିଂ ଅଭ୍ୟାସ ମାଧ୍ୟମରେ ଛାତ୍ରଛାତ୍ରୀ ନିଜସ୍ୱ ନ୍ୟୁଜରୁମ୍ ଆପ୍ ପ୍ରସ୍ତୁତ କରିବାର ଅଭିନବ ଅନୁଭୂତି ହାସଲ କରିଛନ୍ତି। ଏଆଇ ବ୍ୟବହାର କରି ଡାଟା ସଂକ୍ଷିପ୍ତ, ସଠିକ୍ ଫ୍ୟାକ୍ଟ-ଚେକିଂ ଏବଂ ଆକର୍ଷଣୀୟ ହେଡଲାଇନ୍ ପ୍ରସ୍ତୁତ କରିବା ଦ୍ୱାରା ସାମ୍ବାଦିକ ସ୍ୱଳ୍ପ ସମୟ ମଧ୍ୟରେ ଗୁଣାତ୍ମକ ଖବର ପରିବେଷଣ କରିବାକୁ ସମର୍ଥ ହେବେ ବୋଲି ମତପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀ ଏହି କୌଶଳ ଶିଖିବା ଦ୍ୱାରା ଭବିଷ୍ୟତରେ ମିଡିଆ ଶିଳ୍ପର ଆହ୍ୱାନଗୁଡ଼ିକୁ ସଫଳତାର ସହ ସାମ୍ନା କରିପାରିବେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି କବିତା ଉପାଧ୍ୟାୟ, ଆଞ୍ଜେଲିନ୍ ଶାଲିନୀ, ଏନ୍‌ଏସ୍ ରାମନାଥ ଏବଂ ପଙ୍କଜ ଖୁରାନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା।



